

ଟିପ୍ପଣୀ

# ଏକକ-୨ ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣର ଉଦ୍ଦେଶ୍ୟ ଓ ପରିସର

## ସଂରଚନା

୨.୦ ଉପକ୍ରମ

୨.୧ ଶିକ୍ଷଣ ଉଦ୍ଦେଶ୍ୟ

୨.୨ ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ କାହିଁକି ?

୨.୩ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫(NCF 2005) ର ସ୍ୱତନ୍ତ୍ର ସୂଚନାସହ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣର ଉଦ୍ଦେଶ୍ୟ

୨.୪ ପରିବେଶ ଅଧ୍ୟନର ଅନ୍ତର୍ନିହିତ ମୂଲ୍ୟବୋଧ

୨.୪.୧ ଆମ ପରିବେଶର ମୂଲ୍ୟାୟନ କରିବା: ଭାରତୀୟ ଐତିହ୍ୟ

୨.୫ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫(NCF 2005) ର ସ୍ୱତନ୍ତ୍ର ସୂଚନା ସହ ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣର ପରିସର

୨.୬ ସାରାଂଶ

୨.୭ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

୨.୮ ଅତିରିକ୍ତ ଅଧ୍ୟୟନ ପାଇଁ ପ୍ରବନ୍ଧ ସୂଚୀ

୨.୯ ପାଠାନ୍ତ ପ୍ରଶ୍ନାବଳୀ

ଟିପ୍ପଣୀ

## ୨.୦ ଉପକ୍ରମ

ଏକକ-୧ ରେ ଆଲୋଚନା ହୋଇଥିବା ଭଳି ପୃଥିବୀ ଗ୍ରହ ଯାହା ଆମର ଘର ବା ବାସସ୍ଥାନ, ଆମରି ପରିବେଶକୁ ଗଠନ କରିଥାଏ । ଏହା ଆମ ସଭିଙ୍କର ଓ ଆମରି ବର୍ତ୍ତମାନ ଏବଂ ଭବିଷ୍ୟତ ଐତିହ୍ୟକୁ ପ୍ରତିନିଧିତ୍ୱ କରେ । ଗ୍ରହରେ ବାସକରୁଥିବା ସମସ୍ତ ସଜୀବ ପଦାର୍ଥ ସହିତ ଆମେ ପୂର୍ଣ୍ଣାଙ୍ଗରୂପେ ସଂପର୍କିତ । ଏହା କ୍ରମବର୍ଦ୍ଧିଷ୍ଣୁ ରୂପେ ଅନୁଭୂତ ଯେ ଆମ ଦୈନନ୍ଦିନ କାର୍ଯ୍ୟକ୍ରମ ଏହି ପରିବେଶକୁ ପ୍ରଭାବିତ କରୁଛି ଯାହା ପ୍ରତିବଦଳରେ ଆମକୁ ପ୍ରଭାବିତ କରୁଛି । ପରିବେଶ ଓ ଏହାର ସାଧନ ଉପରେ ମନୁଷ୍ୟମାନଙ୍କର ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ଯେହେତୁ ଲାଗି ରହିଛି ସେହି ଦୃଷ୍ଟିରୁ ପରିବେଶ ସୁରକ୍ଷା ଓ ସଂରକ୍ଷଣ ନିମିତ୍ତ ସମ୍ବେଦନଶୀଳତା ଓ ସଂପୃକ୍ତିର ବିକାଶ କରିବାରେ ଏବଂ ସାଧାରଣ ଜନତାଙ୍କ (ସବୁ ବୟସର)ର ପରିବେଶ ଉପରେ ସେମାନଙ୍କର କାର୍ଯ୍ୟକ୍ରମ ଓ ବ୍ୟବହାରର ତୀବ୍ରତା ଏବଂ ପରିଣତିକୁ ବୁଝିବା ପାଇଁ ଶିକ୍ଷା ଏକ ଅଧିକତମ ଆଶାଜନକ ସାଧନୀ ପରିମନେହୁଏ ।

ପରିବେଶ ସୁରକ୍ଷା ଓ ସଂରକ୍ଷଣରେ ଶିକ୍ଷାର ଏହି କେନ୍ଦ୍ରିକ ଭୂମିକା ପରିପ୍ରେକ୍ଷୀରେ, ଜାତୀୟ ଶିକ୍ଷାନୀତି ୧୯୮୬ (NPE 1986) ମତ ବ୍ୟକ୍ତ କରେ "ପରିବେଶ ସଂପର୍କରେ ସଚେତନତା ସୃଷ୍ଟି କରିବାର ପରମ ଆବଶ୍ୟକତା ରହିଛି । ପିଲାଠାରୁ ଆରମ୍ଭ କରି ସମାଜର ସମସ୍ତ ବର୍ଗ ଓ ବୟସର ବ୍ୟକ୍ତିଙ୍କୁ ଏହା ଭେଦିବା ଦରକାର । ବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କର ଶିକ୍ଷାଦାନରେ ପରିବେଶ ସଚେତନତାର ସୂଚନା ଦିଆଯିବା ଉଚିତ । ଏହି ଦିଗଟି ସମଗ୍ର ଶୈକ୍ଷିକ ପ୍ରକ୍ରିୟାରେ ସମନ୍ୱିତ କରାଯିବ ।

ଜାତୀୟ ଶିକ୍ଷାନୀତି ୧୯୮୬ ଓ ପରବର୍ତ୍ତୀ ଶୈକ୍ଷିକ ନୀତି ସମୂହ (NCFSE-2000, NCF-2005) ବିଦ୍ୟାଳୟ ଶିକ୍ଷାରେ ପରିବେଶ ଶିକ୍ଷାକୁ ଏକ ସ୍ୱଷ୍ଟ ସ୍ଥାନ ଦେଇଛନ୍ତି । ଫଳ ସ୍ୱରୂପ, ଆଜି ପ୍ରତ୍ୟେକ ପିଲାର ପାଠ୍ୟକ୍ରମରେ (ଔପଚାରିକ ଓ ଅନୌପଚାରିକ) ପରିବେଶ ସଚେତନତା ଓ ବୋଧଗମ୍ୟତାର ପ୍ଲାବନ ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟି ଯାଇଛି । ଏହାର ଉଦ୍ଦେଶ୍ୟ ହେଉଛି ପରିବେଶଗତ ସମସ୍ୟା ସମାଧାନ ପାଇଁ କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିବା, ସୂଚିତ ସଂପୃକ୍ତି ଓ ମୂଲ୍ୟବୋଧ ଆଡକୁ ଅଗ୍ରସର ହେବା ଓ ସେମାନଙ୍କ ପରିବେଶକୁ ବୁଝିବା ଓ ଅନ୍ୱେଷଣ କରିବାରେ ସେମାନଙ୍କୁ ସମର୍ଥ କରାଇବା ।

ତୁମେ ଅବଗତ ଥିବ ଯେ ପରିବେଶ ଶିକ୍ଷା ପ୍ରାରମ୍ଭିକ ସ୍ତରରେ ପରିବେଶ ଅଧ୍ୟୟନ ରୂପେ ଉପସ୍ଥାପିତ କରାଯାଇଛି । ପରିବେଶ ଅଧ୍ୟୟନ ତୃତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଆମ ପରିବେଶ (ଭୌତିକ, ଜୈବିକ ଓ ସାମାଜିକ-ସାଂସ୍କୃତିକ) ଓ ଏହାର ସୁରକ୍ଷା ଓ ସଂରକ୍ଷଣ(NCF 2005)ଉପରେ ଗୁରୁତ୍ୱ ସହ ସଂପର୍କିତ ।

ପୂର୍ବ ଏକକରେ ପରିବେଶ କିପରି ପିଲାର ବୃଦ୍ଧି ଓ ଶିକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ଓ ପ୍ରତ୍ୟକ୍ଷ ଶିକ୍ଷଣ ପରିସ୍ଥିତି ଓ ଅଭିଳାଶରେ ପିଲାମାନଙ୍କୁ ନିୟୋଜିତ କରି ସେମାନଙ୍କ ପ୍ରାରମ୍ଭିକ ଶିକ୍ଷା ବର୍ଷ ଗୁଡିକରେ କିପରି ପରିବେଶ ସଂପର୍କିତ ନିର୍ଦ୍ଦିଷ୍ଟ ମୂଲ୍ୟବୋଧ ଓ ବ୍ୟବହାର ସହଜରେ ବିକାଶିତ ହୋଇପାରିବ ସେହି ବିଷୟରେ ତୁମେମାନେ ଶିଖି ସାରିଛ ।



ଟିପ୍ପଣୀ

ଏହି ଏକକ ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନର ଗୁରୁତ୍ୱ ଓ ପରିସର, ଏହାର ବିସ୍ତୃତ ଉଦ୍ଦେଶ୍ୟ ଏବଂ ଏହାର ଶିକ୍ଷାଦାନ-ଶିକ୍ଷଣ ଅନ୍ତର୍ଗତ କେତେକ ମୂଲ୍ୟବୋଧ ନିରୂପଣ କରିବାରେ ଲକ୍ଷ୍ୟ ରଖିଥାଏ । ଶିକ୍ଷାର୍ଥୀମାନଙ୍କ ଚତୁଃପାର୍ଶ୍ୱର ପୃଥିବୀ ବିଷୟରେ ଜ୍ଞାନ, ଧାରଣା, ମୂଲ୍ୟବୋଧ ଓ ମାନସିକତାର ବିକାଶ କରିବା ଓ ସେମାନଙ୍କୁ ଅଧିକ ପରିବେଶପ୍ରିୟ ହେବା ନିମିତ୍ତ ଅଭ୍ୟାସଗୁଡ଼ିକୁ ଅନ୍ତର୍ନିବେଶ କରାଇବାରେ ଅବଗତ କରିବାକୁ ଏହା ଆପଣଙ୍କୁ ଶକ୍ତିଶାଳୀ କରିବ ।

## ୨.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ପରିସମାପ୍ତି ପରେ ତୁମେ ସକ୍ଷମ ହେବ

- ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନର ଗୁରୁତ୍ୱ ବର୍ଣ୍ଣନା କରିବାରେ
- ପରିବେଶ ଅଧ୍ୟୟନ ଉଦ୍ଦେଶ୍ୟଗୁଡ଼ିକୁ ବୁଝାଇବାରେ
- ପରିବେଶ ଅଧ୍ୟୟନରେ ଅନ୍ତର୍ନିହିତ ମୂଲ୍ୟବୋଧକୁ ଯାହା ଉକ୍ତ ବିଷୟ ଶିକ୍ଷାଦାନ ମାଧ୍ୟମରେ ଅନ୍ତର୍ନିବେଶ ହେବା ଦରକାର ତାକୁ ବର୍ଣ୍ଣନା କରିବାରେ
- NCF 2005 ର ସ୍ୱତନ୍ତ୍ର ସୂଚନା ସହ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣର ପରିସରର ସୀମା ନିର୍ଦ୍ଧାରଣ କରିବାରେ

## ୨.୨ ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ କାହିଁକି ?

ଯଦିଓ ଆମେ 'ପରିବେଶ'ର ଅର୍ଥକୁ ଏହାର ବ୍ୟାପକ ପ୍ରସଙ୍ଗରୁ ବୁଝି ଓ ଏହାକୁ ଏହାର ମୂଲ୍ୟବୋଧ ସହ ସଂପର୍କିତ କରୁ ତଥାପି ଅନେକ ଲୋକ 'ପରିବେଶ' ଶବ୍ଦଟିକୁ କେବଳ ସମସ୍ୟା ସହ ଯୋଡନ୍ତି ଯେପରି ଜଳ ଓ ବାୟୁ ପ୍ରଦୂଷଣ, ଜଙ୍ଗଲକ୍ଷୟ, ଯାନ ପ୍ରଦୂଷଣ, ମଇଳା ଫୋପାଡ଼ିବା ଇତ୍ୟାଦି । ଅନେକ ଲୋକ ଆଶ୍ଚର୍ଯ୍ୟ ହୁଅନ୍ତି ଯେ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଭଳି ବିଷୟ ପରିବର୍ତ୍ତେ କାହିଁକି ପିଲାମାନେ ଏଭଳି ଏକ ବାଳୁତ ବୟସରୁ ପରିବେଶ ଓ ସମସ୍ୟା ଏବଂ ଏହା ସହ ଯୋଡି ହୋଇଥିବା ଘଟଣାଗୁଡ଼ିକୁ ଅଧ୍ୟୟନ କରିବେ । "ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ କାହିଁକି" ? ""ପରିବେଶ ଅଧ୍ୟୟନର ଗୁରୁତ୍ୱ କ'ଣ" ? ଆଦି ଭଳି ପ୍ରଶ୍ନ ପଚାରିବା ସହ ଏହା ହେଉଛି ସେହି ଏକା କଥା ।

ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ଏକ ସମନ୍ୱିତ ବିଷୟ ଯାହା ବିଜ୍ଞାନ(ଭୌତିକ,ରସାୟନିକ ଓ ଜୈବିକ) ଓ ସାମାଜିକ ପାଠ (ଇତିହାସ,ଭୂଗୋଳ,ରାଜନୀତି ବିଜ୍ଞାନ,ସମାଜ ବିଜ୍ଞାନ ଇତ୍ୟାଦି), ଓ ପରିବେଶ ଶିକ୍ଷା( ସୁରକ୍ଷା ଓ ସଂରକ୍ଷଣ) ଯେଉଁଠାରେ ସେମାନେ ବାସ କରନ୍ତି ସେ ସଂପର୍କିତ ସାମଗ୍ରୀକ ଓ ସମନ୍ୱିତ ଦୂରଦୃଷ୍ଟି ବିକାଶ କରିବାରେ ଲକ୍ଷ୍ୟ ରଖିଥାଏ । ଏହା ଅର୍ଥ କ'ଣ ?

ପେଷ୍ଟାଲୋଜି, ଜନ୍ ଡିଉଇ, ମେରିୟା ମୋଣ୍ଟେସୋରୀ, ରୁଡୋଲଫ୍ ଷ୍ଟେଇନର, ଜେ କ୍ରିଷ୍ଣମୂର୍ତ୍ତୀ, ଅରୋବିନ୍ଦଙ୍କ ଭଳି ଅନ୍ୟ କେତେକ ମହାନ ଶିକ୍ଷା ଦାର୍ଶନିକ ଓ ଚିନ୍ତାନାୟକଙ୍କ ନାମ ସହ ତୁମେ ନିଶ୍ଚିତ ପରିଚିତ ଥିବା । ପ୍ରାୟ ଏହିସବୁ ଚିନ୍ତାନାୟକମାନେ ବ୍ୟକ୍ତିତ୍ୱର ନୈତିକ, ଭୌତିକ, ମନସ୍ତତ୍ତ୍ୱିକ ଓ ଆଧ୍ୟାତ୍ମିକ ଦିଗଗୁଡ଼ିକୁ ଅନୁଶୀଳନ କରି ପିଲାକୁ ଏକ ପୂର୍ଣ୍ଣାଙ୍ଗ ମଣିଷ ରୂପେ ବିକଶିତ ହେବାରେ ସାହାଯ୍ୟ କରିବା

ଟିପ୍ପଣୀ

ନିମନ୍ତ ଶିକ୍ଷାର ଲକ୍ଷ୍ୟ ଉପରେ ସବୁବେଳେ ପ୍ରତିଫଳିତ କରିଛନ୍ତି । ସାରମର୍ମରେ ସେମାନେ ଏକ "ସାମଗ୍ରୀକ" ଶିକ୍ଷାର ପରିକଳ୍ପନା କରିଛନ୍ତି । ସାମଗ୍ରୀକ ଶିକ୍ଷା ଶିକ୍ଷାର୍ଥୀମାନଙ୍କୁ ଅଧିକତ୍ତମ ହେବାରେ ଅର୍ଥାତ "ସେମାନେ ହୋଇ ପାରିବେ" ସାହାଯ୍ୟ କରିବାକୁ ଲକ୍ଷ୍ୟ ରଖିଥାଏ । ଏହାର ଅର୍ଥ ପିଲାଟିର ବୌଦ୍ଧିକ, ଆବେଗିକ, ସାମାଜିକ, ଭୌତିକ, କଳାତ୍ମକ, ସୃଜନାତ୍ମକ ଓ ଆଧ୍ୟତ୍ମିକ ଶକ୍ତିର ବିକାଶ କରିବା । ଏହା କେବଳ ଶ୍ରେଣୀର ଘୋଷା ଶିକ୍ଷା ଦ୍ୱାରା ହୋଇ ନଥାଏ ବରଂ ପ୍ରତ୍ୟକ୍ଷ ନିୟୋଜନ ବା ପରିବେଶ ସହ ଅଭିଜ୍ଞତା ମାଧ୍ୟମରେ ହାସଲ ହୋଇଥାଏ । ତେଣୁ ଏହା ଶିଶୁ କୈନ୍ଦ୍ରିକ ଅଟେ । ଏହାର ଗୁରୁତ୍ୱ "ଶିକ୍ଷାଦାନ" ଉପରେ ନ ହୋଇ "ଅଭିଜ୍ଞତା" ହାସଲ କରିବାରେ ପିଲାମାନଙ୍କୁ ସାହାଯ୍ୟ କରିବା ଉପରେ ହୋଇଥିବାରୁ, ଏହା ପରୀକ୍ଷଣାତ୍ମକ ଶିକ୍ଷଣକୁ ଅନ୍ତର୍ଭୁକ୍ତ କରିଥାଏ । ପରିବେଶ ଅଧ୍ୟୟନ, ଅନ୍ୱେଷଣ କରିବାରେ, ବୁଝିବାରେ, ପସନ୍ଦ କରିବାରେ ଏବଂ ମୂଲ୍ୟାୟନ କରିବାରେ ପିଲାମାନଙ୍କୁ ସମର୍ଥ କରାଏ ସେମାନଙ୍କର ନିକଟତ୍ତମ ପରିବେଶ, ପ୍ରାକୃତିକ ପୃଥିବୀ ଓ ଗୋଷ୍ଠୀ ସହ ଯୋଡିବା ମାଧ୍ୟମରେ ସେମାନଙ୍କୁ ଶିକ୍ଷଣର ଅର୍ଥ ଓ ଆନନ୍ଦ ଲାଭ କରିବାରେ ସାହାଯ୍ୟ କରେ ।

ତୁମେ ପରିବେଶର ପୂର୍ବ ବର୍ଣ୍ଣନାରୁ ମନେ ପକାଇ ପାର ଯେ ଏହା ଏକ ପ୍ରାକୃତିକ ଓ ମନୁଷ୍ୟକୃତ ସମିଶ୍ରିତ ପରିବେଷ୍ଟନୀ (ସାମାଜିକ, ସାଂସ୍କୃତିକ) । ପରିବେଶ ଅଧ୍ୟୟନର ଏକ ମୁଖ୍ୟ ଗୁରୁତ୍ୱ ହେଲା ପିଲାମାନଙ୍କୁ ପ୍ରକୃତ ପୃଥିବୀ ସହିତ ପରିଚିତ କରାଇବା ଯେଉଁଠି ସେମାନେ ବାସ କରନ୍ତି । ପରିବେଶ ଅଧ୍ୟୟନର ଶିକ୍ଷଣ ପରିସ୍ଥିତି/ଅଭିଜ୍ଞତା ପିଲାମାନଙ୍କୁ ସେମାନଙ୍କର ପ୍ରାକୃତିକ ଓ ମନୁଷ୍ୟକୃତ ପରିବେଷ୍ଟନୀକୁ ଅନୁସନ୍ଧାନ କରିବାରେ ଓ ଯୋଡିବାରେ ସାହାଯ୍ୟ କରେ । ପରିବେଶ ଅଧ୍ୟୟନ ପିଲାମାନଙ୍କୁ ସେମାନଙ୍କ ପରିବେଶର ବିଭିନ୍ନ ଜିନିଷର କାର୍ଯ୍ୟକାରୀତା ସଂପର୍କରେ ସେମାନଙ୍କ ନିଜର ଅର୍ନ୍ତଦୃଷ୍ଟ ବିକାଶ କରିବାରେ ସାହାଯ୍ୟ କରେ । ସେମାନଙ୍କ ଚତୁଃପାର୍ଶ୍ୱର ପରିବେଶ ସହିତ କ୍ରିୟାପ୍ରତିକ୍ରିୟା ଗୁଡିକ ପିଲାମାନଙ୍କର ସୁସ୍ଥ ବିକାଶରେ ଅତିବ ଗୁରୁତ୍ୱପୂର୍ଣ୍ଣ । ଏହା କ୍ରିୟା ପ୍ରତିକ୍ରିୟା ଗୁଡିକ ବାସ୍ତବ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରି ପିଲାମାନଙ୍କର ଶିକ୍ଷଣ ସାମର୍ଥ୍ୟ ଅଭିବୃଦ୍ଧି କରିଥାଏ ।

ଆମେ ଆମ ଜୀବନର ଅସ୍ତିତ୍ୱ ଓ ଧାରାବାହିକତା ପାଇଁ ଆମର ପରିବେଶ ଉପରେ ନିର୍ଭର କରୁ । ଏହା ନିଃସନ୍ଦେହ ଯେ ଆମେ ପ୍ରତ୍ୟେକ ଆମ ପରିବେଶକୁ ରୂପ ଦେଉଛେ ଓ ପରିବେଶ ଦ୍ୱାରା ଆମେ ରୂପାୟିତ ହେଉଛି । ଏହି ପ୍ରସଙ୍ଗରେ ଆମ ପ୍ରତ୍ୟେକଙ୍କର ଏହାର ସୁରକ୍ଷା ଓ ସଂରକ୍ଷଣ ନିମନ୍ତ ଏକ ନୈତିକ ଦାୟିତ୍ୱ ଅଛି । କେବଳ ବର୍ତ୍ତମାନର ପିଢୀ ପାଇଁ ନୁହେଁ ବରଂ ପରବର୍ତ୍ତୀ ପିଢୀମାନଙ୍କ ପାଇଁ ଆମେ ଆମର ଭାବନା ଓ କାର୍ଯ୍ୟରେ ଏହି ଗ୍ରହକୁ ବଂଚିବା ପାଇଁ ଏକ ଉତ୍ତମ ଓ ସୁରକ୍ଷିତ ସ୍ଥାନ କରିବାରେ ସାହାଯ୍ୟ କରିବା ଉଚିତ । ଏହା କରିବାରେ ଆମ ପରିବେଶ କାହାକୁ ନେଇ ଗଠିତ ଓ ଏହାର ଗୁରୁତ୍ୱକୁ ବୁଝିବା ଏକ ପ୍ରାକ୍ ଆବଶ୍ୟକତା ହୋଇଥାଏ ।

ପରିବେଶ ଅଧ୍ୟୟନ ପିଲାମାନଙ୍କୁ ସେମାନଙ୍କର ନିକଟତ୍ତମ ନିଜ ଓ ବାହାରକୁ ଅନ୍ୱେଷଣ କରିବାରେ ସାହାଯ୍ୟ କରେ ଯେଉଁ ଥିରେ ତାର ପରିବାର (ପରିବେଶ), ପଡୋଶୀ, ସ୍ଥାନୀୟ ଓ ଦେଶ ମଧ୍ୟ ଅନ୍ତର୍ଭୁକ୍ତ । ଏକ ବୃହତ୍ତର ପ୍ରସଙ୍ଗରେ- ଗୋଷ୍ଠୀ, ଦେଶ ଆଦିର ଏକ ଅଂଶ ରୂପେ ନିଜକୁ ସ୍ଥାନିତ କରିବାରେ ପିଲାମାନଙ୍କୁ ସାହାଯ୍ୟ କରିବାରେ ପରିବେଶ ଅଧ୍ୟୟନରେ ଶିକ୍ଷାଦାନ-ଶିକ୍ଷଣ ଅଭିଜ୍ଞତା ପରିକଳ୍ପିତ, ଶିକ୍ଷଣ ଅଭିଜ୍ଞତାର ଏହି ପରିଚାଳନା ନିଜ ସହ ଅନ୍ୟର ଓ ପ୍ରାକୃତିକ ପରିବେଶର ପାରସ୍ପରିକ ନିର୍ଭରଶୀଳତାର ଏକ ଧାରଣା ଆଣି ଦିଏ । ପିଲାମାନଙ୍କୁ ପରିବେଶ ଓ ପୃଥିବୀ ଗ୍ରହର ଏକ ସାମଗ୍ରୀକ ପରିପ୍ରେକ୍ଷଣ ପ୍ରଦାନ କରିଥାଏ । ଯାହାକୁ ଆମେ ଅନ୍ୟ ସମସ୍ତ ସଜୀବମାନଙ୍କ ସହ ବିନିମୟ କରିଥାଉ ଏବଂ ସମସ୍ତ ସଜୀବ ଓ ଜୀବନ ରକ୍ଷାକାରୀ ବ୍ୟବସ୍ଥାର ପାରସ୍ପରକ ନିର୍ଭରଶୀଳତା ଓ ପାରସ୍ପରିକ ସଂପର୍କକୁ

ପସନ୍ଦ କରୁ । ତେଣୁ ପରିବେଶ ଅଧ୍ୟୟନ ଆମେ କିପରି ଆମର ପରିବେଶ-ଭୌତିକ, ଜୈବିକ, ସାମାଜିକ ଓ ସାଂସ୍କୃତିକ ସହ ପାରସ୍ପରିକ କ୍ରିୟାପ୍ରତିକ୍ରିୟା କରୁ ଓ ଆମେ ଏହା ଦ୍ୱାରା କିପରି ପ୍ରଭାବିତ ହେଉ ଏହାର ଏକ ବୋଧଗମ୍ୟତା ପିଲାମାନଙ୍କୁ ପ୍ରଦାନ କରେ ।

ଏହି ପ୍ରକାର ବୋଧଗମ୍ୟତା ପରିବେଶ ସହିତ ସେମାନଙ୍କର ଅତି ଜଟିଳ ସଂପର୍କକୁ ପସନ୍ଦ କରିବା, ପରିବେଶଗତ ବିଭିନ୍ନ ସମସ୍ୟାକୁ ବୁଝିବା ଓ ସେଗୁଡ଼ିକର ସମାଧାନ ପାଇଁ ଆବଶ୍ୟକୀୟ ଅର୍ନ୍ତଦୃଷ୍ଟି ଓ ମନୋବୃତ୍ତି ବିକାଶ କରିବାରେ ପିଲାମାନଙ୍କୁ ସମର୍ଥ କରେ । ପରିବେଶୀ ଅଧ୍ୟୟନର ପନ୍ଥା ଗୋଟିଏ ବିଷୟର ଶିକ୍ଷାଦାନ ପନ୍ଥାଠାରୁ ଉଚ୍ଚରେ ଓ ଭବିଷ୍ୟତରେ ପରିବେଶଗତ ଘଟଣା/ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବିଜ୍ଞାନ ଓ ସାମାଜିକ ବିଜ୍ଞାନ ଓ ପରିବେଶର ପ୍ରସଙ୍ଗ ଏବଂ ପଦ୍ଧତି ଗୁଡ଼ିକର ବ୍ୟବହାର କରିବାରେ ସାହାଯ୍ୟ କରେ ।

ଉଦାହରଣ ସ୍ୱରୂପ, ପରିବେଶ ଅଧ୍ୟୟନର ପ୍ରସଙ୍ଗ ଖାଦ୍ୟ, ଜଳ, ବାସ ଆଦି ବିଷୟବସ୍ତୁକୁ ଅର୍ନ୍ତଭୁକ୍ତ କରିଥାଏ । ଘର, ପଡ଼ିଶା, ଗୋଷ୍ଠୀ ଆଦିର ସେମାନଙ୍କ ବାସ୍ତବ ଅଭିଜ୍ଞତାଗୁଡ଼ିକୁ ସେମାନଙ୍କ ସହ ସଂପର୍କିତ କରି ଏହି ପ୍ରସଙ୍ଗଗୁଡ଼ିକ ପିଲାମାନଙ୍କ ନିକଟତମ ପରିବେଶର ବାସ୍ତବ ସମସ୍ୟା ଗୁଡ଼ିକୁ ଆଲୋଚନା କରେ । ବାସ୍ତବଜୀବନ ଅଭିଜ୍ଞତା ଓ ପରିସ୍ଥିତି ସହିତ ଏହି ସଂପର୍କ/ସଂଯୋଗ ଗୁଡ଼ିକ ପିଲାମାନଙ୍କ ଭିତରେ  ପରିବେଶ ଓ ଏହାର ସୁରକ୍ଷା ଦିଗରେ ଜୀବନବ୍ୟାପୀ ମନବୃତ୍ତି, ମୂଲ୍ୟବୋଧ ଏବଂ କାର୍ଯ୍ୟ ଓ ବ୍ୟବହାରର ପ୍ରତିଶୃତି ବନ୍ଧୁତାର ବିକାଶ ଓ ବୃଦ୍ଧି କରିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ତେଣୁ ପରିବେଶ ଅଧ୍ୟୟନ ଯେ କେବଳ ପରିବେଶ ସଂପର୍କିତ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରେ ତାହା ନୁହେଁ ବରଂ ସେମାନଙ୍କ ପରିବେଶରେ ଅନ୍ୟ ପିଲା ଓ ବୟସ୍କମାନଙ୍କ ସହ ଯୋଗାଯୋଗ ତଥା ସହଭାଗୀ ହେବାରେ ଏବଂ ପୃଥିବୀ ଓ ଏହ କିପରି କାର୍ଯ୍ୟକରେ ତତ୍ ସଂପର୍କରେ ପିଲାମାନଙ୍କୁ ଜ୍ଞାନ, ଧାରଣା, ମୂଲ୍ୟବୋଧ ଓ ମନୋବୃତ୍ତି ବିକାଶ କରିବାରେ ଉତ୍ସାହିତ କରୁଥିବାରୁ ଏହା ମଧ୍ୟ ଜୀବନ କୌଶଳ ଶିକ୍ଷା ଦେଇଥାଏ ।

ଏ ପର୍ଯ୍ୟନ୍ତ ଯାହା ଆଲୋଚିତ ହୋଇଛି ତାହା ସଂକ୍ଷେପରେ, ପରିବେଶ ଅଧ୍ୟୟନ:

- ସେମାନଙ୍କ ପ୍ରାକୃତିକ ଓ ମନୁଷ୍ୟକୃତ ପରିବେଶକୁ ସଂଯୁକ୍ତ କରିବାରେ ଓ ପରିବେଶର ବିବିଧ ଉପାଦାନ (ଜୀବନ ସମ୍ବନ୍ଧୀୟ, ଜୀବନବିହୀନ, ମନୁଷ୍ୟକୃତ) ଉପରେ ଆମର ନିର୍ଭରଶୀଳତାକୁ ବୁଝିବାରେ ପିଲାମାନଙ୍କୁ ସାହାଯ୍ୟ କରିବା
- ସାମାଜିକ ସାଂସ୍କୃତିକ ପରିବେଶକୁ ଅର୍ନ୍ତଭୁକ୍ତ କରି ସେମାନଙ୍କ ପରିବେଶ ସଂପର୍କିତ ଏକ ସାମଗ୍ରୀକ ବୋଧଗମ୍ୟତାର ବିକାଶରେ ପିଲାମାନଙ୍କୁ ସାହାଯ୍ୟ କରିବା
- ଆମ ପରିବେଶଗତ ଘଟଣା/ସମସ୍ୟାଗୁଡ଼ିକୁ ବୁଝିବା ଓ ଏହାର ଅଖଣ୍ଡତା ଉପରେ ଆମ ଦୈନନ୍ଦିନ କାର୍ଯ୍ୟଗୁଡ଼ିକର ପ୍ରଭାବକୁ ପସନ୍ଦ କରିବା ନିଜର ଏକ ବହୁବିଧ ବିଷୟ ଆଧାରିତ ପରିପ୍ରେକ୍ଷଣ ଚଳେଇ ରଖିବାରେ ପିଲାମାନଙ୍କୁ ସାହାଯ୍ୟ କରିବା



ଟିପ୍ପଣୀ

**ନିଜ ଅଗ୍ରଗତିର ଆକଳନ-୧**

(କ) ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ବିଜ୍ଞାନ,ସାମାଜିକ ବିଜ୍ଞାନ ଓ ପରିବେଶ ବିଜ୍ଞାନରୁ ଏହାର ପ୍ରସଙ୍ଗଗୁଡ଼ିକୁ ଆଣିଥାଏ । ତେଣୁ ଏହା ଏକ ________ ବିଷୟ ଅଟେ । (ସମିଶ୍ରିତ,ଏକକ,ତ୍ରିଗୁଣ)

(ଖ) ପୂର୍ଣ୍ଣାଙ୍ଗ ଶିକ୍ଷା ଶିକ୍ଷାର୍ଥୀର ବିକାଶ ପାଇଁ ଲକ୍ଷ୍ୟ ରଖିଥାଏ ।

୧. ଶୈକ୍ଷିକ ଉପଲବ୍ଧି ________

୨. ଆବେଗିକ ବିକାଶ

୩. କୌଶଳ ବିକାଶ

୪. ସାମଗ୍ରୀକ ବିକାଶ

## ୨.୩. ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ର ସ୍ୱତନ୍ତ୍ର ସୂଚନା ସହ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣର ଉଦ୍ଦେଶ୍ୟ

ଏହି ଏକକର ଉପକ୍ରମରେ ସୂଚିତ ହୋଇଥିବା ଜାତୀୟ ଶିକ୍ଷାନୀତି ୧୯୮୬ କଥା ମନେ ପକାଅ ଯାହା "ପିଲାଠାରୁ ଆରମ୍ଭ କରି ସମସ୍ତ ବୟସ ପାଇଁ ପରିବେଶ ସଚେତନତାର ବିକାଶ"ର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଏ । ବିକାଶଗତ ଅଧ୍ୟୟନ ଓ ଶିଶୁ ମନସ୍ତତ୍ୱବିତ୍ମାନେ ସ୍ପଷ୍ଟଭାବେ ପ୍ରଦର୍ଶିତ କରୁଛନ୍ତି ଯେ ପିଲାମାନେ ପ୍ରଚୁର କୌତୁହଳତା ଓ ବିସ୍ମୟ ସହ ପୃଥିବୀକୁ ଆସିଥାନ୍ତି । ସେମାନଙ୍କ ପରିବେଶ ଓ ପଡୋଶୀମାନଙ୍କ ଠାରୁ ଆରମ୍ଭ କରି ସ୍ଥାନ ସମୂହ ଏବଂ ପଶୁ, ଗଛ, ଉପାଦାନ ଆଦି ଭଳି ସବୁ କଥାକୁ ଅନ୍ୱେଷଣ କରିବାରେ ସେମାନଙ୍କ କୌତୁହଳତା ବ୍ୟାପିଥାଏ । ପରିବେଶ, ସେମାନଙ୍କ ପିତାମାତା, ଶିକ୍ଷକ, ସାଙ୍ଗସାଥୀ ଓ ଗଣମାଧ୍ୟମ ଏବଂ ଅନ୍ୟାନ୍ୟ ଉତ୍ସରୁ ସଂଗୃହିତ ପ୍ରତ୍ୟକ୍ଷ ଅଭିଜ୍ଞତା ସହ ସେମାନଙ୍କର ପାରସ୍ପରିକ କ୍ରିୟା ପ୍ରତିକ୍ରିୟା ମାଧ୍ୟମରେ ସେମାନେ ଏହି ଦୃଢ଼ଇଚ୍ଛାକୁ ପୂରଣ କରିବାକୁ ଚେଷ୍ଟା କରନ୍ତି । ବ୍ୟକ୍ତିଗତ ଓ ସାମାଜିକ ମଙ୍ଗଳ ପାଇଁ ଏହି ଅନ୍ତର୍ନିହିତ ସାମର୍ଥ୍ୟଗୁଡ଼ିକ ଉତ୍ସାହିତ, ଡାଖାଗତ ଓ ପାଳିତ ହେବା ଆବଶ୍ୟକ । ପରିବେଶ ଅଧ୍ୟୟନ ଶିକ୍ଷାଦାନର ନିମ୍ନୋକ୍ତ କେତେକ ଉଦ୍ଦେଶ୍ୟ NCF 2005 ଦ୍ୱାରା ସୂଚିତ ହୋଇଛି ।

- ପ୍ରାକୃତିକ ସାମାଜିକ ଓ ସାଂସ୍କୃତିକ ପରିବେଶ ମଧ୍ୟରେ ଥିବା ସଂପର୍କକୁ ଚିହ୍ନଟ କରିବା ଓ ବଝିବାରେ ପିଲାମାନଙ୍କୁ ତାଲିମ ଦେବା
- ଅମୂର୍ତ୍ତତା ପରିବର୍ତ୍ତେ ଜୀବନ୍ତ ଅଭିଜ୍ଞତା ଓ ଜୀବନର ଭୌତିକ, ଜୈବିକ, ସାମାଜିକ ଓ ସାଂସ୍କୃତିକ ଉପାଦାନରୁ ଆନୀତ ମନ୍ତବ୍ୟ ଓ ଦୃଷ୍ଟାନ୍ତ ଆଧାରିତ ବୋଧଗମ୍ୟତାର ବିକାଶ କରିବା
- ପରିବାରରୁ ଆରମ୍ଭ କରି ବ୍ୟାପକ ସ୍ଥାନକୁ ଗତି କରିବା ଭଳି ଅପୂର୍ବ ସାମାଜିକ



ଟିପ୍ପଣୀ

ଘଟଣାମାନଙ୍କ ସଂପର୍କରେ ପିଲାମାନଙ୍କୁ କୌତୁହଳୀ ହେବାରେ ଜ୍ଞାନତ୍ମକ ସାମର୍ଥ୍ୟ ଓ ଉପାୟ ସୃଷ୍ଟି କରିବା

- ବିଶେଷକରି ପିଲାର ପ୍ରାକୃତିକ ପରିବେଶ (ମନୁଷ୍ୟକୃତ ଦ୍ରବ୍ୟ ଓ ମନୁଷ୍ୟ ଅନ୍ତର୍ଭୁକ୍ତ)ସଂପର୍କିତ କୌତୁହଳତା ଓ ସୃଜନଶୀଳତାର ବିକାଶ କରିବା
- ପରିବେଶଗତ ସମସ୍ୟାଗୁଡ଼ିକ ବିଷୟରେ ସଚେତନତା ବିକାଶ କରିବା
- ପର୍ଯ୍ୟବେକ୍ଷଣ, ବର୍ଗୀକରଣ, ଅନୁମାନ ମାଧ୍ୟମରେ ଜ୍ଞାନାତ୍ମକ ଓ କୌଶଳାତ୍ମକ ମୌଳିକ ଦକ୍ଷତା ଆହରଣ କରିବା ପାଇଁ ପିଲାକୁ ଅନୁସନ୍ଧାନ ମୂଳକ ଓ କାର୍ଯ୍ୟରେ ସକ୍ରିୟ ଅଂଶ ଗ୍ରହଣ ପାଇଁ ନିୟୋଜିତ କରିବା
- ପରବର୍ତ୍ତୀସ୍ତରରେ ପ୍ରଯୁକ୍ତି ବିଦ୍ୟାଗତ ଓ ପରିମାଣାତ୍ମକ ଦକ୍ଷତାର ବିକାଶ କରିବା ପାଇଁ ଉପକ୍ରମ ରୂପେ ନକ୍ସା ଓ ଗଠନ ଆକଳନ ଓ ପରିମାପନ ଉପରେ ଗୁରୁତ୍ୱ ଦେବା ।
- ଲିଙ୍ଗଗତ ବିଚାର ଏବଂ ଅବହେଳା ଓ ନିର୍ଯ୍ୟାତନା ସମସ୍ୟା ସହିତ ସମାନତା ଓ ନ୍ୟାୟିକ ମୂଲ୍ୟବୋଧ ଏବଂ ମାନବିକ ମର୍ଯ୍ୟାଦା ଓ ଅଧିକାର ପ୍ରତି ସମ୍ମାନ ଆଦିକୁ ନିର୍ଣ୍ଣାୟତ୍ମକ ଭାବେ ସାମନାକରିବାକୁ ସମର୍ଥ ହେବ ।

ଉପରୋକ୍ତ ଉଦ୍ଦେଶ୍ୟଗୁଡ଼ିକ ଯେ କେବଳ ଇପ୍‌ସିତ ଶିକ୍ଷଣ ଫଳାଫଳ ଗୁଡ଼ିକୁ ସୂଚିତ କରେ ତାହା ନୁହେଁ ବରଂ ସେମାନଙ୍କ ହାସଲ ନିମିତ୍ତ ଶିକ୍ଷଣ ଅଭିଜ୍ଞତା/ପରିସ୍ଥିତିଗୁଡ଼ିକର ଯୋଜନା ଓ ପରିଚାଳନା ପାଇଁ ଏକ ଢାଞ୍ଚା ପ୍ରଦାନ କରିଥାଏ ।

NCF 2005 ରେ ଦର୍ଶିତ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଉଦ୍ଦେଶ୍ୟଗୁଡ଼ିକର ଏକ ଯତ୍ନଶୀଳ ମନନ ଏହା ଉନ୍ମୋଚିତ କରିବ ଯେ ଏଗୁଡ଼ିକ ପିଲାମାନଙ୍କ ଭିତରେ ସେମାନଙ୍କ ଚତୁଃପାର୍ଶ୍ୱ ବଷୟରେ କୌତୁହଳତା ଓ ସଚେତନତାର ବିକାଶ, ସେମାନଙ୍କ ପରିବେଶ ସଂପର୍କରେ ଜ୍ଞାନ ଓ ବୋଧଗମ୍ୟତା ଏବଂ ସେମାନଙ୍କର ସଂପର୍କ ବା ସଂଯୋଗ, ପ୍ରଭାବଶାଳୀ ଗୁଣ (ପସନ୍ଦ, ମୂଲ୍ୟବୋଧ, ମନୋବୃତ୍ତି) ଏବଂ ପର୍ଯ୍ୟବେକ୍ଷଣ ପରିମାପନ ଦକ୍ଷତାର ବିକାଶ, ସୂଚନା ସଂଗ୍ରହ ଓ ଏହାର ପ୍ରକ୍ରିୟାକରଣ, ସୃଜନାତ୍ମକ ପରିପ୍ରକାଶ ଆଦିରେ ଏଗୁଡ଼ିକ କେନ୍ଦ୍ରୀଭୁତ । ଉପରୋକ୍ତ ସମସ୍ତ ପରିବେଶ ପାଇଁ ବା ଅନ୍ୟ ଅର୍ଥରେ ପରିବେଶ ସୁରକ୍ଷା ପାଇଁ ସୂଚିତ ବିଚାର ଓ ଯତ୍ନର ଚରମ ସୀମାରେ ପହଞ୍ଚିଛନ୍ତି ।

ପିଲାମାନଙ୍କୁ ସେମାନଙ୍କ ପରିବେଶ ଅନ୍ୱେଷଣ କରିବାରେ ଓ ନିଜ ପାରସ୍ପରିକ କ୍ରିୟାପ୍ରତିକ୍ରିୟା/ ଅଭିଜ୍ଞତାଗୁଡ଼ିକରୁ ସେମାନଙ୍କ ନିଜ ଅର୍ଥକୁ ବାହାର କରିବାପାଇଁ ସମର୍ଥନ ଓ ସହାୟତା ଦେବାରେ ବିଦ୍ୟାଳୟ ଏକ ନିର୍ଣ୍ଣାୟତ୍ମକ ଭୂମିକା ନିର୍ବାହ କରିପାରିବ । ଏପରି କରି ପିଲାମାନେ ଭୌତିକ ଓ ମାନବିକ ପ୍ରକ୍ରିୟାଗୁଡ଼ିକ ବିଷୟରେ ସେମାନଙ୍କର ବୋଧଗମ୍ୟତା ବିକାଶ କରନ୍ତି ଯାହା ପରିବେଶ ଗଠନରେ ଅର୍ନ୍ତକ୍ରିୟା କରିଥାଏ । ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ପରିବେଶର ଗୁଣାତ୍ମକତା ଓ ପ୍ରାକୃତିକ ସମ୍ବଳସବୁର ପରିଚାଳନା ପାଇଁ ଏକ ଯୁକ୍ତିଯୁକ୍ତ ଓ ସମ୍ବେଦନଶୀଳ ବିଚାରର ବିକାଶ କରିବା ପାଇଁ ଉଦ୍ଦିଷ୍ଟ । ଅନ୍ୱେଷଣ କରିବା ସେମାନଙ୍କ ଅଭିଜ୍ଞତାକୁ ବୁଝିବା ଓ ପ୍ରକାଶ କରିବାକୁ

ଟିପ୍ପଣୀ

ପିଲାମାନଙ୍କ ପାଇଁ ଶିକ୍ଷଣ ଅଭିଜ୍ଞତାର ଗଠନ ଓ ପରିଚାଳନା କରି, ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନ ପରିଚାଳନା ଧାରଣାଗତ ବୋଧଗମ୍ୟତା, ମନୋବୃତ୍ତି ଓ ମୂଲ୍ୟବୋଧ, ପ୍ରାଥମିକ ସ୍ତରରେ ବିଷୟ/କ୍ଷେତ୍ରର ଗୁରୁତ୍ୱ ଆଧାରରେ ଦକ୍ଷତା ଓ ଅଭ୍ୟାସଗୁଡ଼ିକର ବିକାଶ ନିମିତ୍ତ ଅବଦାନ କରିଥାଏ ।

ଏହି ଶିକ୍ଷଣ ଅଭିଜ୍ଞତାଗୁଡ଼ିକ ପ୍ରକୃତି ଓ ପ୍ରାକୃତିକ ସମ୍ବଳ ବିବଧତା ଯାହା ପରିବେଶରେ ବିଦ୍ୟମାନ, ଅନୁଭୂତି ଓ ଭାବନାର ପରିପ୍ରକାଶ କରିବାକୁ ସାମର୍ଥ୍ୟ ମଧ୍ୟ ପିଲାମାନଙ୍କୁ ପରିଚିତ କରିଥାଏ ।

ଉପରୋକ୍ତ ଆଲୋଚନାକୁ ସଂକ୍ଷେପରେ କହିଲେ, ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣର ଲକ୍ଷ୍ୟ ହେଲା:

- ବାସ୍ତବ ଜୀବନ ପୃଥିବୀ (ପ୍ରାକୃତିକ ଓ ସାମାଜିକ,ସାଂସ୍କୃତିକ) ସହ ପରିଚିତ କରାଇବା ।
- ପରିବେଶ ସଂପର୍କିତ ସମସ୍ୟା ଓ ବିଚାରଗୁଡ଼ିକର ବିଶ୍ଳେଷଣ, ମୂଲ୍ୟାୟନ ଓ ଯୁକ୍ତିସିଦ୍ଧି ଅନୁମାନ ବାହାର କରିବାରେ ସେମାନଙ୍କୁ ସମର୍ଥ କରାଇବା
- ପରିବେଶଗତ ସମସ୍ୟାଗୁଡ଼ିକୁ ବୁଝିବାରେ ସେମାନଙ୍କୁ ସାହାଯ୍ୟ କରିବା
- ପରିବେଶ ପ୍ରତି ଅନୁକୂଳ ମନୋବୃତ୍ତି ଓ ମୂଲ୍ୟବୋଧର ବୃଦ୍ଧି ଓ ବିକାଶ କରିବା
- ସକାରାତ୍ମକ କାର୍ଯ୍ୟଗୁଡ଼ିକର ପ୍ରୋତ୍ସାହନ କରିବା

**ନିଜ ଅଗ୍ରଗତିର ଆକଳନ-୨**

କ) NCF 2005 ରେ ପରିବେଶ ଅଧ୍ୟୟନର ବିଭିନ୍ନ ଉଦ୍ଦେଶ୍ୟଗୁଡ଼ିକର ତାଲିକା ହୋଇଛି । ପିଲାମାନଙ୍କ ଭିତରେ ନିମ୍ନୋକ୍ତ ଦିଗଗୁଡ଼ିକର ବିକାଶ ନିମିତ୍ତ ପ୍ରାଥମିକ ଭାବେ ଉଦ୍ଦିଷ୍ଟ । (ସବୁଠାରୁ ଉପଯୁକ୍ତଗୁଡ଼ିକୁ(✓)ଟିକ୍ କରନ୍ତୁ)

୧.ସେମାନଙ୍କ ଚତଃପାର୍ଶ୍ୱ ବିଷୟରେ କୌତୁହଳତା ଓ ସଚେତନତା

୨.ସେମାନଙ୍କ ପରିବେଶ ସଂପର୍କରେ ଜ୍ଞାନ ଓ ବୋଧଗମ୍ୟତା

୩.ପ୍ରକୃତିରେ ଆନ୍ତ ନିର୍ଭରଶୀଳତା ଓ ସଂଯୋଗ ବିଷୟରେ ଜ୍ଞାନ

୪.ପ୍ରଭାବଶାଳୀ ଗୁଣ (ପସନ୍ଦ,ମୂଲ୍ୟବୋଧ ଓ ମନୋବୃତ୍ତି)

୫.ପର୍ଯ୍ୟବେକ୍ଷଣ ଓ ସୃଜନାତ୍ମକ ପରିପ୍ରକାଶର କୌଶଳ

୬.ଉପରୋକ୍ତ ସମସ୍ତ



ଟିପ୍ପଣୀ

## ୨.୪ ପରିବେଶ ଅଧ୍ୟୟନର ଅନ୍ତର୍ନିହିତ ମୂଲ୍ୟବୋଧ

ପୂର୍ବ ବିଭାଗରେ ପ୍ରାଥମିକ ବିଦ୍ୟାଳୟ ସ୍ତରରେ ପରିବେଶ ଅଧ୍ୟୟନର ମହତ୍ୱ ଆମେ ପଢିଲେ। ତୁମେ ଜାଣ ଯେ ପରିବେଶ ଅଧ୍ୟୟନ ଏକ "ବିଷୟ କ୍ଷେତ୍ର" ଠାରୁ ଅଧିକ । ଆବଶ୍ୟକୀୟ କୌଶଳ ଓ ଦକ୍ଷତାର ବିକାଶ କରିବା, ପରିବେଶ ସହିତ ଆମର ପାରସ୍ପରିକ କ୍ରିୟାର କାରଣ ଗୁଡ଼ିକୁ ବୁଝିବା ଓ ପରିବେଶ ପ୍ରିୟ ବ୍ୟବହାର ଗୁଡ଼ିକୁ ବୃଦ୍ଧି କରିବାକୁ ଏହା ଏକ ଶିକ୍ଷଣ ପ୍ରକ୍ରିୟା ଯାହା ପରିବେଶ ଓ ସହଯୋଗୀ ସମସ୍ୟା/ଆହ୍ୱାନଗୁଡ଼ିକ ସଂପର୍କରେ ପିଲାମାନଙ୍କର ଜ୍ଞାନ ଓ ସଚେତନତାର ବୃଦ୍ଧି କରିବାରେ ଲକ୍ଷ୍ୟ ରଖିଥାଏ । ପରିବେଶଗତ ଶିକ୍ଷାବିତ୍ମାନେ ଅଧିକଭାବେ ବୁଝିଥାନ୍ତି ଯେ "ପରିବେଶ ବିଷୟରେ ଜ୍ଞାନ" ଏକାକୀ ସକାରାତ୍ମକ ପରିବେଶଗତ କାର୍ଯ୍ୟର ପ୍ରତିଶ୍ରୁତି ଦେଇ ପାରିବ ନାହିଁ । ଏହା ପରିବେଶ ପ୍ରିୟ ମନୋବୃତ୍ତି ଓ ମୂଲ୍ୟବୋଧଗୁଡ଼ିକ ସହ ଯୋଡି ହେବା ଆବଶ୍ୟକ । ପରିବେଶ ଅଧ୍ୟୟନରେ କ'ଣ ସେ ସବୁ ମୂଲ୍ୟବୋଧ ଯାହା ପିଲାମାନଙ୍କ ଭିତରେ ବିକଶିତ ହେବା ଆବଶ୍ୟକ । ଏହି ସବୁ ପରିବେଶଗତ ମୂଲ୍ୟବୋଧର ବୋଧଗମ୍ୟତା ପିଲାମାନଙ୍କ ଭିତରେ ଏଗୁଡ଼ିକର ବୃଦ୍ଧି ଓ ବିକାଶ ପାଇଁ ଜଣେ ଶିକ୍ଷକଙ୍କୁ ଶିକ୍ଷଣ ଅଭିଜ୍ଞତାଗୁଡ଼ିକର ଉପଯୁକ୍ତ ଯୋଜନା ଓ ପରିଚାଳନାରେ ସାହାଯ୍ୟ କରିବ ।

### ମୂଲ୍ୟବୋଧ କ'ଣ ?

ମୂଲ୍ୟବୋଧ ବ୍ୟାପକ ପ୍ରଭାବଶାଳୀ ଗୁଣରୂପେ ବିଚାର କରାଯାଏ ଯାହାର ସାଧାରଣ ଭାବେ ଜଣଙ୍କର ଉପଲବ୍ଧି, ଶିକ୍ଷଣ, ମତାମତ ଓ ଧାରଣା ଦିଗରେ ପର୍ଯ୍ୟାପ୍ତ ସଂପର୍କ ଥାଏ । ମୂଲ୍ୟବୋଧ ଗୁଡ଼ିକ ମାନବିକ ଓ ସାମାଜିକ ବ୍ୟବହାରର ଅଧିକତ୍ତମ ଶକ୍ତିଶାଳୀ ଅଭିପ୍ରେରଣ । ଏହି ଅର୍ଥରେ ମୂଲ୍ୟବୋଧଗୁଡ଼ିକ ଲୋକମାନଙ୍କର ସେମାନଙ୍କ କାର୍ଯ୍ୟର ପରିମାପକ ଆଧାରରେ ବର୍ଣ୍ଣିତ କରିଥାଏ। ଆମେ ଯାହାକୁ ଭଲ, ଠିକ ବା ଗ୍ରହଣୀୟ ବୋଲି ସ୍ୱୀକାର କରୁ, ସେମାନେ ତାହାକୁ ନିରୂପିତ କରନ୍ତି। ଆମ ନିଜର ବ୍ୟକ୍ତିଗତ ଭାବନା ଓ ଭୌତିକ, ସାଂସ୍କୃତିକ, ସାମାଜିକ ଆର୍ଥିକ ଆଦି ଆମର ପରିବେଶ ସହ ଆମର ପାରସ୍ପରକି କ୍ରିୟା ମାଧ୍ୟମରେ ନିର୍ମିତ ମୂଲ୍ୟବୋଧ ଆମର ଥାଇପାରେ । ସେମାନଙ୍କ ଚତଃପାର୍ଶ୍ୱରେ (ପରିବାର,ଗୋଷ୍ଠୀ ଓ ସମାଜ) ଥିବା ଲୋକମାନଙ୍କ ସହ ସେମାନଙ୍କ ପର୍ଯ୍ୟବେକ୍ଷଣ ଓ ପାରସ୍ପରିକ କ୍ରିୟାମାଧ୍ୟମରେ ପିଲାମାନେ ସେମାନଙ୍କ ଜୀବନର ଖୁବ୍ ପ୍ରାରମ୍ଭିକ ସ୍ତରରେ କମ୍ ବା ବେଶୀରେ ଏକ ସଂପୂର୍ଣ୍ଣ ଉପାୟରେ ମୂଲ୍ୟବୋଧର ବିକାଶ କରନ୍ତି । ପ୍ରତିପୁଷ୍ଟି ଯାହା ସେମାନେ ସେମାନଙ୍କ ବ୍ୟବହାର ପାଇଁ ସେମାନଙ୍କ ବରିଷ୍ଠ, ଭାଇଭଉଣୀ, ଶିକ୍ଷକ ଓ ସାଙ୍ଗସାଥୀମାନଙ୍କ ଠାରୁ ପାଇଥାନ୍ତି । ତାହା ମୂଲ୍ୟବୋଧକୁ ନିର୍ଦ୍ଧାରଣ କରିଥାଏ ଯାହାକୁ ସେମାନେ ଏକ ଲମ୍ବା ସମୟ ପାଇଁ ବହନ କରିଥାନ୍ତି ।



ଟିପ୍ପଣୀ

ପରିବେଶ ପ୍ରସଙ୍ଗରେ ମୂଲ୍ୟବୋଧ କାହିଁକି ଏତେ ଗୁରୁତ୍ୱପୂର୍ଣ୍ଣ ଆସନ୍ତୁ ପରବର୍ତ୍ତୀ କେତେକ ଅନୁଚ୍ଛେଦରେ ବୁଝିବାକୁ ଚେଷ୍ଟା କରିବା ।

ତୁମେ ପରିବେଶ ସଂପର୍କରେ କ'ଣ ଶିଖିଲ ମନେ ପକାଅ । ପ୍ରାକୃତିକ, ସାଂସ୍କୃତିକ ଓ ମନୁଷ୍ୟକୃତ ଉପାଦନାର ଏହା ଏକ ସମିଶ୍ରଣ ବୋଲି ବର୍ଣ୍ଣିତ ହୋଇଛି । ମନୁଷ୍ୟ ସହିତ ସମସ୍ତ ସଜୀବ ପ୍ରାଣୀ ସେମାନଙ୍କ ଜୀବନଧାରଣ ପାଇଁ ଏହି ପରିବେଶ ଉପରେ ନିର୍ଭରଶୀଳ । ଆଜି ଏହା ସ୍ପଷ୍ଟରୁ ସ୍ପଷ୍ଟତର ହେଉଛି ଯେ ପରିବେଶର ଅଧିକାଂଶ ସମସ୍ୟା ମନୁଷ୍ୟ ଓ ସେମାନଙ୍କ ଅତ୍ୟଧିକ ଶୋଷିତ ଓ ଉପଭୋକ୍ତା ବ୍ୟବହାର ଯୋଗୁ ହୋଇଥାଏ । ମନୁଷ୍ୟମାନେ ପରିବେଶକୁ ଅତ୍ୟଧିକ ଶୋଷିତ ଓ ଏହାର ମର୍ଯ୍ୟାଦାକୁ ହ୍ରାସ କରିଛନ୍ତି । ଆମେ ସବୁବେଳେ ଗୋଟିଏ ଦିଗରୁ ଆମ କାର୍ଯ୍ୟଗୁଡିକୁ ଦେଖିଥାଉ ଯଥା ସେହି ନିର୍ଦ୍ଦିଷ୍ଟ କାର୍ଯ୍ୟଟି ବ୍ୟାପକ ଭାବେ ମାନବ ଗୋଷ୍ଠୀ ଓ ନିର୍ଦ୍ଦିଷ୍ଟଭାବେ ବ୍ୟକ୍ତିବିଶେଷଙ୍କର କେତେ ଭଲ ଭାବରେ ଉପକାର କରିବ । ଆମେ ସର୍ବଦା ସମାଜକୁ ଏକ ସମିଶ୍ରିତ ମଣିଷ ଭଳି ବର୍ଣ୍ଣନା କରିଥାଉ । ବୋଧହୁଏ, ଏହି ସଂକୀର୍ଣ୍ଣ ସଂଜ୍ଞା ଯୋଗୁ ଆମେ ପରିବେଶରେ ଅନ୍ୟ ସଜୀବ ପ୍ରାଣୀମାନଙ୍କଠାରୁ ଆମ ନିଜକୁ ପ୍ରାୟ ଅଲଗା କରିଦେଇଛୁ । ଏହି ହସ୍ତାନ୍ତରକରଣ ପ୍ରବୃତ୍ତି ପରିବେଶରେ ଅନ୍ୟ ସମସ୍ତ ସଜୀବ ଜୀବଜନ୍ତୁମାନଙ୍କ ପ୍ରତି ଅସମ୍ମାନ ଜନକ ବ୍ୟବହାର ସୃଷ୍ଟି କରିବାର ଫଳ ।

ତୁମେ ଭଲଭାବରେ ଜାଣ ଯେ ଆମ ବଂଚିବା ଓ ସୁସ୍ଥ ଅବସ୍ଥା ପ୍ରାକୃତିକ ସମ୍ବଳଗୁଡିକର ଉପଲବ୍ଧତା ଓ ଯୋଗାଣ ଉପରେ ନିର୍ଭର କରେ । ଆମେ ପ୍ରାକୃତିକ ସମ୍ବଳଗୁଡିକର (ବାୟୁ, ଜଳ, ଭୂମି, ଜଙ୍ଗଲ ଆଦି) ଆମର ମୌଳିକ ଆବଶ୍ୟକତା ପୂରଣ ଓ ଜୀବନରେ ନିର୍ଦ୍ଦିଷ୍ଟମାନର ଆରାମ ଉପଭୋଗ କରିବା ପାଇଁ ଦରକାର କରୁ । ଗୋଟିଏ ମୂହୁର୍ତ୍ତ ପାଇଁ ଚିନ୍ତାକର, ଆମ ସମାଜର ମତ, ଉପଲବ୍ଧି, ମୂଲ୍ୟବୋଧ ଓ ଆଶା ଅନୁଯାୟୀ ଆମେ ସମସ୍ତେ ପ୍ରଭାବିତ ହେଉ ଓ ବ୍ୟକ୍ତି ବିଶେଷ ଭାବେ ଆମେ ନିଜର ଜୀବନଶୈଳୀର ପସନ୍ଦ ତିଆରି କରୁ ଯାହା କମ ବା ବହୁଳ ପରିମାଣରେ ପ୍ରାକୃତିକ ସମ୍ବଳର ଉପଭୋଗ ଉପରେ ନିର୍ଭର କରେ । ତୁମ ଚତୁଃପାର୍ଶ୍ୱକୁ ଅବଲୋକନ କର । ଅମେ ଶୀତତାପ ନିୟନ୍ତ୍ରଣ ଯନ୍ତ୍ରସହ ବିରାଟ ଅଟ୍ଟାଳିକା, ରାସ୍ତାଉପରେ ଯିବାପାଇଁ ସେତୁ, ନଦୀବନ୍ଧ, ଓ ଏହିପରି ଅନେକ ଯାନ୍ତ୍ରିକ ଚମତ୍କାରିତାମାନ ନିର୍ମାଣ କରିଛୁ । ଏପରିକି ଆମେ ସ୍ଥାନେସ୍ଥାନେ ପ୍ରାକୃତିକ ପରିବେଶଗୁଡିକୁ ସଂପୂର୍ଣ୍ଣରୂପେ କୃତ୍ରିମ ବା ମନୁଷ୍ୟକୃତ ପରିବେଶଗୁଡିକରେ ରୂପାନ୍ତିତ କରିଛୁ । ଏଗୁଡିକ ପାଇଁ ପ୍ରାକୃତିକ ସମ୍ବଳଗୁଡିକୁ ବ୍ୟବହାର କରି ଆମେ ଜୈବଭୌତିକ ପୃଥିବୀକୁ ପରିବର୍ତ୍ତନ କରିଦେଇଛୁ ଓ ଆମ ନିଜର ପରିବେଶ ଭୂଭାଗର ଦୃଶ୍ୟକୁ ସୃଷ୍ଟି କରିଛୁ । ଆମେ ସମସ୍ତଙ୍କର ଆବଶ୍ୟକତା ପୂରଣ କରିବାକୁ ପ୍ରକୃତ ସମ୍ବଳ ସବୁର ଏକ ପ୍ରଚୁର ଯୋଗାଣ ଭାବେ ଆମେ ଗ୍ରହଣ କରି ନେଇଛୁ । ମହାତ୍ମାଗାନ୍ଧୀ ଠିକ୍‌ଭାବେ କରିଛନ୍ତି "ମଣିଷର ଆବଶ୍ୟକତାଗୁଡିକ ପାଇଁ ପ୍ରକୃତି ପାଖରେ ସବୁ ଅଛି କିନ୍ତୁ ତାର ଲୋଭ ପାଇଁ ନୁହେଁ"।

ପ୍ରାକୃତିକ ସମ୍ବଳ ଯାହା ଦିନେ ଅସୀମ ଓ ପ୍ରଚୁର ବୋଲି ବିଚାର କରାଯାଉଥିଲା । ଆମେ ଅଧିକାର ଅଧିକ ଭାବେ ବୁଝିବାକୁ ଆରମ୍ଭ କଲେଣି ଯେ ଏହା ଅବକ୍ଷୟ ଓ ନିଃଶେଷ ହେବାକୁ ଯାଉଛି । ଏହା ସତ୍ୟ ଯେ ଆମେ ସମସ୍ତଙ୍କ ଜୀବନରେ ଏକ ମୌଳିକ ଆବଶ୍ୟକତା ଅଛି ଯାହା

ଟିପ୍ପଣୀ

ହେଲା ତିଷ୍ଠିରହିବା ଓ ସମୃଦ୍ଧ ହେବା । ଆମ ତିଷ୍ଠିରହିବା ପାଇଁ ଆମେ ଏକା ପ୍ରାକୃତିକ ସମ୍ବଳଗୁଡିକୁ ପରସ୍ପର ଭିତରେ ବଣ୍ଟନ କରୁ । ଏହି ପ୍ରାକୃତିକ ସମ୍ବଳଗୁଡିକ କାହାର ଜଣଙ୍କର ସମ୍ପତ୍ତି ବା ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ସମ୍ପତି ନୁହେଁ । ମୌଳିକ ଆବଶ୍ୟକତା ପୂରଣ ପାଇଁ ପ୍ରାକୃତିକ ସମ୍ବଳର ସୁବିଧା ବା ବ୍ୟବହାର କରିବା ବଣ୍ଟନରେ ଦ୍ୱନ୍ଦ ଓ ମୁକାବିଲା, ମାନବୀୟ ସଂପର୍କରେ ଏକତାର ଅଭାବ-ପଡୋଶୀ, ସଂପ୍ରଦାୟ, ଜାତୀୟ ଓ ଆନ୍ତର୍ଜାତୀୟ ବୈଷମ୍ୟ ସୃଷ୍ଟିକରିଥାଏ ।

ସମୟ ଆସିଛି ଯେତେବେଳେ ଆମକୁ ଆମର ମନୋବୃତ୍ତିର ପୁନଃପରୀକ୍ଷା ଏବଂ ଦୂରଦୃଷ୍ଟି ଓ ଭାବନାର ବିସ୍ତାର କରିବାକୁ ପଡିବ । ଏହା ବୁଝିବା ଦରକାର ଯେ ଆମେ ଆମ ପରିବେଶର ଏକ ପୂର୍ଣ୍ଣାଙ୍ଗ ଓ ଅବିଛେଦ୍ୟ ଅଙ୍ଗ ଓ ଆମେ ଏହାକୁ ଅନ୍ୟ ସମସ୍ତ ସଜୀବ ପ୍ରାଣୀମାନଙ୍କ ସହ ସହାବସ୍ଥାନ ବା ବଣ୍ଟନ କରିବା । ଏହି ମୂଲ୍ୟବୋଧ ଓ ମନୋବୃତ୍ତି ପ୍ରାକ୍ ଶୈଶବାସ୍ଥାରୁ ଉଦ୍ରେକ ହେବା ଦରାକାର ।

ଏହା ପିଲାମାନଙ୍କ ଭିତରେ କେନ୍ଦ୍ରିତ ହେବା ଦରକାର ଯେ ପରିବେଶ କହିଲେ କେବଳ ମଣିଷମାନଙ୍କୁ ବୁଝାଏ ନାହିଁ । ଏହା ଏକ ଗୋଷ୍ଠୀ ଓ ସେହି ଗୋଷ୍ଠୀ ସମସ୍ତ ସଜୀବ ପ୍ରାଣୀମାନଙ୍କୁ ଅନ୍ତର୍ଭୁକ୍ତ କରିଥାଏ । ମଣିଷ ମାନେ ଏହି ଗୋଷ୍ଠୀର କେବଳ ଗୋଟିଏ ସଭ୍ୟ ଯିଏ ଅନ୍ୟ ସଭ୍ୟମାନଙ୍କ ସହ ପରିବେଶର ସମସ୍ତ ଉପାଦାନକୁ ବଣ୍ଟନ କରନ୍ତି ।

## ୨.୪.୧ଆମ ପରିବେଶର ମୂଲ୍ୟାୟନ କରିବା : ଭାରତୀୟ ଐତିହ୍ୟ

ଆମେ ଭାରତରେ ଆମ ପରିବେଶର ମୂଲ୍ୟାୟନ କରିବା ପାଇଁ ଦାୟାଦ ସୂତ୍ରରେ ଏକ ଅତ୍ୟନ୍ତ ସମୃଦ୍ଧ ଐତିହ୍ୟ ପାଇଛୁ । Rishi Atharvan ଙ୍କ ଦ୍ୱାରା ଲିଖିତ Prithivi Sukta of Atharva Veda ପୃଥିବୀକୁ "ମା" ଓ ସମସ୍ତ ସଜୀବ ପ୍ରାଣୀକୁ ଏହାର ସନ୍ତାନସନ୍ତତି ଓ ପିଲାଭାବେ ବର୍ଣ୍ଣନା କରିଥାଏ ( Atharva Veda, hymn17) ଭାରତୀୟ ଦର୍ଶନ ସର୍ବଦା ଘୋଷଣା କରି ଆସିଛି ଯେ ପୃଥିବୀର ସମସ୍ତ ଅଧିବାସୀ ଗୋଟିଏ ପରିବାରର ଅନ୍ତର୍ଭୁକ୍ତ । ପରିବେଶଗତ ମୌଳିକ ମୂଲ୍ୟବୋଧରେ ଏହା ପ୍ରତଫଳିତ ହୋଇଛି "ବସୁଧୈବ କୁଟୁମ୍ବକମ୍" ଅର୍ଥ "ସମସ୍ତ ଯାହା ପୃଥିବୀରେ ଅଛି ଗୋଟିଏ ପରିବାରର ଅନ୍ତର୍ଭୁକ୍ତ" । ସେମାନଙ୍କର ଏକ ସମାନ ଉତ୍ପତି ଓ ସେମାନେ ପରସ୍ପର ନିର୍ଭରଶୀଳ । (ହୀତପୋଦେଶୀ:1.3.7D) ମାନବୀୟ ଓ ସାମାଜିକ ଜୀବନଧାରଣର ଏହା ଏକ ମୌଳିକ ମୂଲ୍ୟବୋଧ ।

ଏହି ପୃଥିବୀରେ ଜୀବନଧାରଣ ଓ ଜୀବନ ଅନୁବୃତ୍ତି ପାଇଁ ଏକ ଉତ୍ତମ ଗୁଣବତ୍ତାର ପରିବେଶ (ପ୍ରାକୃତିକ ଓ ସାମାଜିକ ସଂସ୍କୃତି) ର ବିକାଶ ଓ ସଂରକ୍ଷଣ କରିବାର ଦାୟିତ୍ୱ ଆମ ପ୍ରତ୍ୟେକଙ୍କର ଅଛି ଏହି ବିଷୟରେ ପିଲାମାନେ ପରିଚିତ ହେବା ଦରକାର ।

ସମସ୍ତ ଧର୍ମ-ହିନ୍ଦୁ, ବୌଦ୍ଧ, ଜୈନ, ଇସଲାମ, ଖ୍ରୀଷ୍ଟିଆନ୍, ଶିଖ୍ ପ୍ରକୃତି ସହିତ ଏକ ଐକ୍ୟବଦ୍ଧ ମାନବୀୟ ସଂଯୋଗ ଉପରେ ଗୁରୁତ୍ୱ ଆରୋପ କରିଛି । ପୂର୍ବ ସୂଚିତ ଅର୍ଥବ ବେଦ ପୁରାତନ ବେଦର ଏକ ଅଂଶବିଶେଷ, ପ୍ରାକୃତିକ ସମ୍ବଳଗୁଡିକର ସୁରକ୍ଷା ଓ ସଂରକ୍ଷଣ ଭିତ୍ତିକ ସୂଚନାରେ ପରିପୂର୍ଣ୍ଣ ।

ଟିପ୍ପଣୀ

ଋଗ୍ ବେଦର ଏକ ପଦ କହେ: "ପ୍ରକୃତିର ମହାନ ଅବଦାନ ପାଇଁ ଆମେ ସମ୍ମାନ ପ୍ରଦାନ କରୁ, ବୁଢାଠାରୁ ଯୁବକ ପର୍ଯ୍ୟନ୍ତ ଆମେ ଦୃଢଭାବରେ ଏହି ଐଶ୍ୱରିକ ଶକ୍ତିର ଗୁଣଗାନ କରୁ । ଆମେ ଏସବୁକୁ ଅଣଦେଖା କରିପାରିବୁ ନାହିଁ" ।

ମହାଭାରତ, ରାମାୟଣ, ଭାଗବତଗୀତା ଏବଂ ସ୍ମୃତି ଆଦି ଆମର ମହାନଗ୍ରନ୍ଥ ପରିବେଶ ସନ୍ତୁଳନ ଓ ଲୋକମାନଙ୍କର ପ୍ରକୃତି ପ୍ରତି ନୈତିକ ଉପଚାରର ଆବଶ୍ୟକତା ଉପରେ କେତେକ ପ୍ରାରମ୍ଭିକ ବାର୍ତ୍ତା ବହନ କରିଥାଏ । "ପ୍ରକୃତି ସହ ଐକ୍ୟବଦ୍ଧ" ବାସକରିବା ଉପରେ ଏହି ସବୁଗୁଡିକ ଗୁରୁତ୍ୱ ଆରୋପ କରିଥାଏ ଓ ସମସ୍ତ ପ୍ରାକୃତିକ ଉପାଦାନଗୁଡିକ ଐଶ୍ୱରିକ ଶକ୍ତି ଧାରଣ କରିଥାଏ ବୋଲି ପରିଚିତ କରାଇଥାଏ । ଉପାଦାନ ଓ ସମ୍ବଳ ସମୂହ କେବଳ ମଣିଷ ବ୍ୟବହାର ପାଇଁ ଏହି ପୃଥିବୀରେ ତିଷ୍ଠି ନାହାଁନ୍ତି । ସେମାନେ ସେମାନଙ୍କ ଭିତରେ ମୂଲ୍ୟବାନ । ସମସ୍ତଙ୍କର ନିଜର ଏକ ଅନ୍ତର୍ନିହିତ ମୂଲ୍ୟ ରହିଛି ।

କୌଣସି ରାଷ୍ଟ୍ରସଂଘ ବା ଜାତିସଂଘ ବିଶ୍ୱବ୍ୟାପୀ ସଂଘର୍ଷରୁ ଦୂରେଇ ରହିବା ଚିନ୍ତା କରିବାର ହଜାର ବର୍ଷ ପୂର୍ବରୁ ଭାରତୀୟ ଦର୍ଶନ "ଲୋକ ସମସ୍ତ ସୁଖୀ ନୋଃ ଭବନ୍ତୁ" (ସମଗ୍ର ବିଶ୍ୱ ସୁଖୀ ରୁହନ୍ତୁ) ଉକ୍ତି ଆଧାରରେ ଏକ ବିଶ୍ୱମତ ସୃଷ୍ଟି କରିପାରିଛି । ଭାରତୀୟ ରାଷ୍ଟ୍ର ଏହାର ସେନା ଅଭିଯାନ କରିବା ସମସ୍ତଙ୍କୁ ଜୟ କରି କିମ୍ବା ଶାନ୍ତି ଅର୍ପଣ କରି ଏହି ଚମତ୍କାର ଦୃଷ୍ଟି ସୃଷ୍ଟି କରି ନାହିଁ । ବରଂ ଭାରତର ଜଙ୍ଗଲ ଓ ପର୍ବତରେ ବାସକରୁଥିବା ଋଷିମାନଙ୍କ ଦ୍ୱାରା ବିଶ୍ୱବ୍ୟାପୀ ମୂଲ୍ୟବୋଧର ଏକ ଅନ୍ତର୍ନିଦେଶିତ ଅନୁସନ୍ଧାନ ଦ୍ୱାରା ଏହି ଚମତ୍କାର ଦୃଷ୍ଟି ସୃଷ୍ଟି ହୋଇଛି । (ଉଇଖି ପେଡିଆ) ପୃଥିବୀ ସୁକ୍ତା ବିଶ୍ୱବନ୍ଧନ ଧାରଣାକୁ 'ଗୋଟିଏ ପୃଥିବୀ ଗୋଟିଏ ବିଶ୍ୱ,' ସମାନ ସମ୍ବଳ ଓ ନିରପେକ୍ଷ ବ୍ୟବହାର (J.L.Bhat, 1994) ।

ରବୀନ୍ଦ୍ରନାଥ ଟ୍ୟାଗୋର ଆମର ଜାତୀୟ କବି ଭାରତୀୟ ଶିକ୍ଷା ବ୍ୟବସ୍ଥା ଉପରେ ଚିନ୍ତା କରି ମନ୍ତବ୍ୟ ଦେଇଥିଲେ ଯେ "ଶିକ୍ଷା ପ୍ରକୃତିରୁ ମୁକ୍ତ ହୋଇଛି" ତରୁଣ ପିଲାମାନଙ୍କ ପାଇଁ ଅକଥିତ କ୍ଷତି ଆଣିଦେବ । ଏହି ପୃଥକୀକରଣ ମାଧ୍ୟମରେ ଉତ୍ପନ୍ନ ହୋଇଥିବା ବିଚ୍ଛିନ୍ନ ଭାବ ମାନବଜାତି ପ୍ରତି ବଡ ଅମଙ୍ଗଳର କାରଣ ହେବ । ଟ୍ୟାଗୋର ନିଜର ଦର୍ଶନକୁ ମୌଳିକ ସ୍ୱୀକାର୍ଯ୍ୟ ବିଷୟ ଉପରେ ଆଧାର କରନ୍ତି ଯେ ପ୍ରକୃତି ପ୍ରତି ମଣିଷର ଏକ ସ୍ୱତଃସ୍ଫୁର୍ତ୍ତ ଓ ଦୁର୍ବାର ଆକର୍ଷଣ ରହିଛି । ଏପରିକି ପିଲାମାନଙ୍କର ଗଠନାତ୍ମକ ବର୍ଷମାନଙ୍କରେ ଏହି ଆକର୍ଷଣ ଅଧିକ ଗଭୀର । ତେଣୁ ଶିକ୍ଷଣ ପାଇଁ ପିଲାମାନଙ୍କୁ ବ୍ୟାପକ ସ୍ଥାନ ପ୍ରଦାନ କରିବା ପାଇଁ କହିଥିଲେ ଓ ଏହି ସ୍ଥାନ ପ୍ରକୃତିରେ ଯଥେଷ୍ଟ, ବିବିଧ ଓ ସୁନ୍ଦର ପରିମାଣରେ ବିଦ୍ୟମାନ । ପରିବେଶ ଅଧ୍ୟୟନ ଏହାର ପରିଚାଳନାଗତ ପଦ୍ଧତିଗୁଡିକ ମାଧ୍ୟମରେ ଅନ୍ୱେଷଣ, ପର୍ଯ୍ୟବେକ୍ଷଣ, ପ୍ରକାଶ କରିବାରେ ପିଲାମାନଙ୍କୁ ସାହାଯ୍ୟ କରିବାକୁ ପରିକଳ୍ପିତ ଓ ବିସ୍ମୟ ଏହି ଉତ୍କର୍ଷତା ସହିତ ପିଲାମାନଙ୍କୁ ପରିଚିତ କରିପାରିବ ।

ପ୍ରକୃତି ସୁନ୍ଦର ଅଟେ । କବି ଓ କଳାକାରମାନେ ଏହାକୁ ବିଭିନ୍ନ ପ୍ରକାରରେ ପ୍ରକାଶ କରିଛନ୍ତି । ପର୍ଯ୍ୟବେକ୍ଷଣ, ଅବଶୋଷଣ ଓ ଉପଭୋଗ କରିବା ମାଧ୍ୟମରେ ପ୍ରକୃତି ସହ ଏକ ହୋଇ ଅନେକ ମନସ୍ତାତ୍ତ୍ୱିକ ଉତ୍ତେଜନା ଓ ଚାପଗୁଡିକୁ ପ୍ରଶମିତ କରିବା ଆମେ ଦୈନନ୍ଦିନ ଜୀବନରେ ଅଙ୍ଗେ ନିଭାଇଛେ । ଆମେ ସମସ୍ତେ ଏକ ସମୟରେ ବା ଅନ୍ୟ ବେଳେ ପ୍ରକୃତି ମା ସହିତ

କେତେକ ସମୟ ଅତିବାହିତ କରିବାର ଆବଶ୍ୟକତା ଅନୁଭବ କରିଥିବା । ତଟକା ପବନ, ସବୁଜ ବୃକ୍ଷରାଜି, ସ୍ୱଚ୍ଛ ଜଳ, ଶାନ୍ତ ପରିବେଶର ମିଳିତ ଭାବେ ଏକ ଆରୋଗ୍ୟ କର ମୂଲ୍ୟବୋଧ ରହିଛି । ପ୍ରକୃତିର ସୁନ୍ଦରତା ଓ ଉତ୍କର୍ଷତା ରହିଛି । ପିଲାମାନଙ୍କୁ ଏହି ସୁନ୍ଦରତା ସହିତ ପରିଚିତ କରିବା ଓ ସୌନ୍ଦର୍ଯ୍ୟାତ୍ମକ ମୂଲ୍ୟବୋଧଗୁଡ଼ିକରେ ବିକାଶ କରିବାର ଆବଶ୍ୟକତା ରହିଛି ।

ପୃଥିବୀ ବିଶ୍ୱର ସମସ୍ତ ସଜୀବ ପ୍ରାଣୀଙ୍କର ଅଟେ । ଏହା ଆସିବାକୁ ଥିବା ବଂଶଧରମାନଙ୍କର ମଧ୍ୟ । ଅନ୍ୟ ଅର୍ଥରେ ପ୍ରକୃତି ଓ ପ୍ରାକୃତିକ ସମ୍ବଳଗୁଡ଼ିକ କୌଣସି ଏକ ବଂଶଧରମାନଙ୍କର କେବଳ ଏକଚାଟିଆ ସମ୍ପତ୍ତି ନୁହେଁ । ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ଆମର ଯେପରି ପରିଷ୍କାର, ସୁସ୍ଥ ଓ ସୁନ୍ଦର ପରିବେଶ ପାଇଁ ପଚାରିବାର ଅଧିକାର ଅଛି, ସେପରି ମଧ୍ୟ ପରବର୍ତ୍ତୀ ପିଢ଼ୀଙ୍କର ରହିଛି । ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସେ ଯେତେ କମ ହେଉନା କାହିଁ ବଳକା ରହିଥିବା ସମ୍ବଳକୁ ସୁରକ୍ଷିତ କରିବା ଓ ପ୍ରଦାନ କରିବା ପ୍ରତ୍ୟେକ ବଂଶଧରମାନଙ୍କର ଏକ ନୈତିକ କର୍ତ୍ତବ୍ୟ । ଭବିଷ୍ୟତ ପାଇଁ ପରିବେଶର ସୁରକ୍ଷା ସୁରକ୍ଷିତ ଭବିଷ୍ୟତ ନିମିତ୍ତ ଶିକ୍ଷାର ଏକ ମୌଳିକ ମୂଲ୍ୟବୋଧ ଅଟେ ।

**ଏକ ବିଶ୍ୱ ନୈତିକତା**

ବର୍ତ୍ତମାନ ଓ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ପ୍ରାକୃତିକ ସମ୍ବଳଗୁଡ଼ିର ଗୁରୁତ୍ୱ ଓ ଏହାର ସଂରକ୍ଷଣ ଓ ସୁରକ୍ଷାର ମୂଲ୍ୟବୋଧ ପୃଥିବୀର ଚତୁଃପାର୍ଶ୍ୱରେ ଥିବା ଧର୍ମ ଓ ଦର୍ଶନରେ ବର୍ଣ୍ଣିତ । ବିଶ୍ୱ ପୃଥିବୀ ସମ୍ବନ୍ଧୀୟ ସନନ୍ଦ-ଏକ ଉପଯୁକ୍ତ ସୁରକ୍ଷିତ ଓ ଶାନ୍ତିପୂର୍ଣ୍ଣ ବିଶ୍ୱ ସମାଜ ଗଠନ ପାଇଁ ମୌଳିକ ମୂଲ୍ୟବୋଧ ଓ ନୀତି ସମୂହର ଏକ ଆନ୍ତର୍ଜାତିକ ଘୋଷଣାନାମା- ନିମ୍ନୋକ୍ତ ଶବ୍ଦରେ ଏହି ମୂଲ୍ୟବୋଧକୁ ସଂକ୍ଷିପ୍ତକରଣ କରିଛି:

ମାନବ ସମାଜ ଏକ ବୃହତ ବିବର୍ତ୍ତନଶୀଳ ବିଶ୍ୱର ଅଂଶବିଶେଷ । ଆମ ଘର ପୃଥିବୀ ଏକ ଅଦ୍ୱିତୀୟ ଗୋଷ୍ଠୀଜୀବନ ସହ ବଂଚି ରହିଛି । ପ୍ରକୃତିର ଶକ୍ତି ଜୀବନ ଶୈଳିକୁ ଏକ ଆହ୍ୱାନପୂର୍ଣ୍ଣ ଓ ଅନିର୍ଦ୍ଦିଷ୍ଟ ଦୁଃସାହିକତାରେ ପରିଣତ କରିଥାଏ । କିନ୍ତୁ ପୃଥିବୀ ଜୀବନର କ୍ରମ ବିବର୍ତ୍ତନ ପାଇଁ ଅତ୍ୟାବଶ୍ୟକ ସ୍ଥିତିମାନ ପ୍ରଦାନ କରିଥାଏ ।

ଗୋଷ୍ଠୀଗତ ଜୀବନର ନମନୀୟତା ଓ ମାନବସମାଜର ମଙ୍ଗଳ ସମସ୍ତ ପରିବେଶ ସମ୍ବନ୍ଧୀୟ ବ୍ୟବସ୍ଥା ସହ ଏକ ସୁସ୍ଥ ଜୈବମଣ୍ଡଳ, ଏକ ସମୃଦ୍ଧ ବିବିଧ ବୃକ୍ଷଲତା ଓ ଜୀବଜନ୍ତୁ, ଉର୍ବର ମୃତ୍ତିକା, ବିଶୁଦ୍ଧ ଜଳ ଓ ନିର୍ମଳ ପାବନର ସଂରକ୍ଷଣ ଉପରେ ନିର୍ଭର କରେ । ବିଶ୍ୱ ପରିବେଶ ସହ ଏହାର ସୀମିତ ସମ୍ବଳ ସମସ୍ତ ଲୋକଙ୍କର ଏକ ସାଧାରଣ ବିଚାର । ପୃଥିବୀର ସଜୀବତା, ବିବିଧତା ଓ ସୁନ୍ଦରତାର ସୁରକ୍ଷା ଏକ ପବିତ୍ର ।

ପୃଥିବୀ ସମ୍ବନ୍ଧୀୟ ସନନ୍ଦର ମୁଖବନ୍ଧ ସୂଚିତ କରେ ଯେତେବେଳେ ଆମେ ସୃଷ୍ଟିର ରହସ୍ୟ ପାଇଁ ଭକ୍ତି, ଜୀବନର ଅବଦାନ ପାଇଁ କୃତଜ୍ଞତା ଓ ପ୍ରକୃତିରେ ମଣିଷର ସ୍ଥାନ ଅନୁସାରେ ଭକ୍ତିର ସହ ବାସକରୁ ମାନବୀୟ ସଂହତି ଓ ସୌହାର୍ଦ୍ଦ୍ୟର ଭାବ ଦୃଢ଼ିଭୂତ ହୋଇଥାଏ ।

ଟିପ୍ପଣୀ

ଅନ୍ୟ ମାନଙ୍କର ଶାନ୍ତି ଓ ପ୍ରାଶାନ୍ତିକୁ ସଙ୍କଟାପନ୍ନ ନକରି ଏହି ଗ୍ରହ ପୃଥିବୀରେ ଏକ ଦୀର୍ଘ ଓ ଫଳପ୍ରଦ ଜୀବନ ଯାପନ କରିବାକୁ ଆମେ ଏକତ୍ର ଭାବେ ଅନ୍ୟ ଲୋକମାନଙ୍କ ସହ ସହାବସ୍ଥାନ କରିବାକୁ ଶିଖିବା ଆବଶ୍ୟକ । ଏକତ୍ର ବାସ କରିବା ଯେ କେବଳ ଅନ୍ୟମାନଙ୍କୁ ସାହାଯ୍ୟ କରେ ନାହିଁ ବରଂ ଏହା ସୁସଂଗତ ଜୀବନ ଯାପନ କରୁଥିବା ଲୋକୁ ସହାୟତା କରିଥାଏ । (Source: web site www. earthcharter.com) ।

ଉପରୋକ୍ତ ମୂଲ୍ୟବୋଧ ଗୋଟିଏ ଛୋଟିଆ ଅନୁଧ୍ୟାନ ଉନ୍ମୋଚିତ କରିବ ଯେ ଏଗୁଡିକ କେବଳ ଅମୂର୍ତ୍ତ ତାହା ନୁହେଁ ବରଂ ଜଟିଳ । ଏଗୁଡିକ ନୈତିକ, ସୌନ୍ଦର୍ଯ୍ୟମ୍ୱକ, ସମାଜିକ, ଆଧାତ୍ମିକ, ଧାର୍ମିକ, ଆର୍ଥୀକ ଓ ରାଜନୈତିକ ସମର୍ଥନ ସହ ସଂପର୍କିତ ଯୋଗୁଁ ଏହି ଜଟିଳତା ହୋଇଥାଏ ।

**ନିଜ ଅଗ୍ରଗତିର ଆକଳନ ୩**

(କ) ମୂଲ୍ୟବୋଧଗୁଡିକ ଆମ __________ ଆଚରଣ ପ୍ରଣାଳିର ଏକ ଅଂଶ ।

(ଭାବଗତ ବା ଅବେଗିକ, ମୌଳିକ, ଦକ୍ଷତା/କୌଶଳାତ୍ମକ)

(ଖ) ଭାରତୀୟ ଦର୍ଶନ ସର୍ବଦା ସମର୍ଥନ କରିଥାଏ ମୂଲ୍ୟବୋଧ "ଯାହା ପୃଥିବୀରେ ଅଛି ସବୁ ଗୋଟିଏ ପରିବାରର" । ଏହା __________ ଅଟେ ।

(ପୃଥିବୀର ସମସ୍ତ ଅଧିକାରୀ ଗୋଟିଏ ପରିବାର ଅନ୍ତର୍ଭୁକ୍ତ, ବିଶ୍ୱପୃଥିବୀ ସମ୍ବନ୍ଧୀୟ ସନନ୍ଦ, ସମଗ୍ର ବିଶ୍ୱ ସୁଖୀ ରୁହନ୍ତୁ)

(ଗ) ପ୍ରକୃତିର ସୁନ୍ଦରତାକୁ ପସନ୍ଦ କରିବା ଏକ __________ ମୂଲ୍ୟବୋଧ ।

(ସୌନ୍ଦର୍ଯ୍ୟାତ୍ମକ, ଆଧ୍ୟାତ୍ମିକ, ଧାର୍ମିକ, ଆର୍ଥୀକ)

(ଘ) ପୃଥିବୀ କେବଳ ଏହି ବଂଶଧରମାନଙ୍କର ନୁହେଁ ବରଂ ପରବର୍ତ୍ତୀ ବଂଶଧରମାନଙ୍କ ପାଇଁ । ଏହି ବୋଧଗମ୍ୟତା __________ ମୂଲ୍ୟବୋଧକୁ ବର୍ଣ୍ଣିତ କରେ । (ଆଧ୍ୟାତ୍ମିକ, ନୈତିକ, ଧାର୍ମିକ, ସୌନ୍ଦର୍ଯ୍ୟାତ୍ମକ)

## ୨.୫ ଜାତୀୟ ପାଠ୍ୟକ୍ରମ ଆଧାରରେ ସ୍ୱତନ୍ତ୍ର ସୂଚନା ସହ ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣର ପରିସର

ଟିପ୍ପଣୀ

ପାରଂପରିକ ଶ୍ରେଣୀଗୃହର (NCF, 2005 ପୂର୍ବରୁ) ପରିବେଶ ଅଧ୍ୟୟନ ବିପକ୍ଷରେ ଗୋଟିଏ ସମାଲୋଚନାର ସ୍ତର ଥିଲା ଯେ ଏହା ଅନ୍ୟବିଷୟର ଶ୍ରେଣୀଗୃହଠାରୁ ବିଶେଷ ପୃଥକ ନୁହେଁ ଏହି ଅର୍ଥରେ ଯେ ଅଧିକଭାବରେ ଏହା "ଏକ ପାଖିଆ ପ୍ରକ୍ରିୟା" ଥିଲା । ପରିବେଶ ବିଷୟରେ ପିଲାମାନେ ଶ୍ରେଣୀରେ ନିଷ୍କ୍ରିୟଭାବେ ବସି ଶିଖୁଥିଲେ ଓ ଶିକ୍ଷକଙ୍କଠାରୁ ସୂଚନାମାନ ଗ୍ରହଣ କରୁଥିଲେ । ଏହା ମଗ୍ ଓ ଜଗ୍ ନମୂନା ସହିତ ତୁଳନୀୟ ଯେଉଁ ଥିରେ ଶିକ୍ଷକ ରୂପୀ ଗୋଟିଏ ଜଗ୍ ରୁ ମଗ୍ ରୂପୀ ପିଲାମାନେ ତଥ୍ୟରେ ପରିପୂର୍ଣ୍ଣ ହେଉଥିଲେ । ପର୍ଯ୍ୟବେକ୍ଷଣ ଓ ସମ୍ବନ୍ଧିତ କରିବାରେ ବା ସଂପର୍କକୁ ବୁଝିବାପାଇଁ ବସ୍ତୁଗୁଡ଼ିକୁ ବର୍ଗୀକରଣ କରିବାରେ ପିଲାମାନେ ବର୍ଣ୍ଣନାତ୍ମକ କାର୍ଯ୍ୟଗୁଡ଼ିକରେ ନିୟୋଜିତ ହେଉନଥିଲେ । ତେଣୁ ପରିବେଶ ଅଧ୍ୟୟନର ଉଦ୍ଦେଶ୍ୟ ଅଧିକାଂଶ ଶ୍ରେଣୀ ଗୃହରେ ହୃଦୟଙ୍ଗମ କରିହୁଏ ନାହିଁ ।

NCF, 2005 ରେ ବର୍ଣ୍ଣିତ ପରିବେଶ ଅଧ୍ୟୟନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି "ବାସ୍ତବ ଜୀବନ ପୃଥିବୀ, ପ୍ରାକୃତିକ ଓ ସାମାଜିକ ସହ ପିଲାମାନଙ୍କୁ ପରିଚିତ କରାଇବା ଯେଉଁଠି ସେମାନେ ବାସକରନ୍ତି, ପରିବେଶ ସଂପର୍କିତ ସମସ୍ୟା ଓ ବିଚାର ଗୁଡ଼ିକ ବିଷୟରେ ସିଦ୍ଧାନ୍ତଗୁଡ଼ିକ ବାହାର କରିବା ଓ ବିଶ୍ଳେଷଣ, ମୂଲ୍ୟାୟନ କରିବାରେ ସେମାନଙ୍କୁ ସମର୍ଥ କରାଇବା ଆମ ପରିବେଶଗତ ସମସ୍ୟା ସଂପର୍କିତ ବୋଧଗମ୍ୟତା ଓ ଦୀର୍ଘସ୍ଥାୟୀ ବିକାଶ ଦିଗରେ ଅଗ୍ରଗତି ନିମିତ୍ତ ସହାୟତା ପାଇଁ ସକ୍ରିୟାତ୍ମକ ପରିବେଶଗତ କାର୍ଯ୍ୟର ବିକାଶରେ ଯେଉଁଠାରେ ସମ୍ଭବ ଯୋଗ କରିବା" । NCF, 2005 ପରିବେଶ ଅଧ୍ୟୟନ ପରିସରକୁ ସମର୍ଥନ କରି ଗୁରୁତ୍ୱ ଦିଏ ଯେ ପିଲାମାନଙ୍କୁ ସେମାନଙ୍କ ପରିବେଶ ବିଷୟରେ ସଚେତନତା ଓ ବୋଧଗମ୍ୟତାକୁ ଉନ୍ନତ କରିବାକୁ ହେବ, ଏକ ସାମଗ୍ରୀକ ଦୃଷ୍ଟିପାଇଁ ସାମର୍ଥ୍ୟର ବିକାଶ ଓ ପରିବେଶର ସୁରକ୍ଷା ଓ ସଂରକ୍ଷଣ ଆଡ଼କୁ କ୍ରମ ବର୍ଦ୍ଧିଷ୍ଣୁଭାବେ ପୃଥିବୀ ଅଗ୍ରଗତି କରୁଥିବାରୁ ନିରୂପିତ ଲାଭର ଗୁରୁତ୍ୱକୁ ପରିଚାଳନା କରିବାକୁ ପଡ଼ିବ ।

ଉପରୋକ୍ତ ଉଦ୍ଦେଶ୍ୟଗୁଡ଼ିକୁ ହାସଲ କରିବା ପାଇଁ ପରିବେଶ ଅଧ୍ୟୟନ ତିନୋଟି ବିସ୍ତୃତ ନୀତି ଆଧାରରେ ପରିଚାଳିତ ହୁଏ - **ପରିବେଶ ବିଷୟରେ ଶିଖିବା, ପରିବେଶ ମାଧ୍ୟମରେ ଶିଖିବା ଓ ପରିବେଶ ପାଇଁ ଶିଖିବା ।** ତେଣୁ ପରିବେଶ ଅଧ୍ୟୟନ ଅତ୍ୟନ୍ତ ବ୍ୟାପକ । ଏହା ପରିବେଶ ଶିକ୍ଷଣର ଏକ ମାଧ୍ୟମ ଭଳି ବ୍ୟବହାର କରିବାଠାରୁ ଆରମ୍ଭ କରି ଏହାର ସୁରକ୍ଷା ଓ ସଂରକ୍ଷଣ ପାଇଁ ଯେଉଁ ସବୁକୁ ଜଣେ କରିପାରିବ ତାହା ଅନ୍ତର୍ଭୁକ୍ତ । ପିଲାର ନିକଟତମ ଅଭିଜ୍ଞତାରୁ (ଜଣା) ଆରମ୍ଭ କରି ସେ ବାସ କରୁଥିବା ପୃଥିବୀ (ଅଜଣା) କୁ ଯିବା ଯିବା ପର୍ଯ୍ୟନ୍ତ ପ୍ରସଙ୍ଗ ସବୁ ଚକ୍ରାକାର ଭାବେ ସଂଗଠିତ ହୋଇଥାଏ ଯାହା ଏହି ଗ୍ରହରେ ଜୀବନକୁ ପ୍ରଭାବିତ କରୁଥିବା ଅଧ୍ୟୟନର ଗୁରୁତ୍ୱ ବ୍ୟକ୍ତିଗତରୁ ଜାତୀୟ ଓ ବିଶ୍ୱବ୍ୟାପୀ (ସ୍ଥାନୀୟରୁ ବିଶ୍ୱ), ଭୌତିକ ଦିଗରୁ ସୌନ୍ଦର୍ଯ୍ୟାତ୍ମକ ଦିଗ ଆଡ଼କୁ ପରିବ୍ୟାପ୍ତ ହୋଇଥାଏ ।

ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ରେ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣକୁ ଦୈନନ୍ଦିନ କାର୍ଯ୍ୟକ୍ରମ ସବୁରେ ପ୍ରକୃତ ନିୟୋଜନ ଓ ପ୍ରତିଫଳନ ମାଧ୍ୟମରେ ବାସ୍ତବ ଜୀବନ ପରିସ୍ଥିତି ସହ

ଟିପ୍ପଣୀ

ପିଲାର ପାରସ୍ପରିକ କ୍ରିୟା ପ୍ରତିକ୍ରିୟା ରୂପେ ଚିତ୍ରଣ କରାଯାଇଥାଏ । ଶିକ୍ଷଣର ଏହି ପନ୍ଥାକୁ "କାର୍ଯ୍ୟ ମାଧ୍ୟମରେ ଶିକ୍ଷଣ" ରୂପେ ସୂଚିତ କରାଯାଏ ଯେଉଁଥିରେ ପିଲାମାନେ ପରୋକ୍ଷଭାବେ ସେମାନଙ୍କ ପରିବେଶ ସହ ପ୍ରତ୍ୟକ୍ଷଭାବେ ପାରସ୍ପରିକ କ୍ରିୟା ପ୍ରତିକ୍ରିୟା କରୁଥିବା ବେଳେ ସେମାନେ ସକ୍ରିୟଭାବେ ସେମାନଙ୍କର ବୋଧଗମ୍ୟତା ବା ଜ୍ଞାନକୁ ନିର୍ମାଣ କରନ୍ତି । ଏହି ପନ୍ଥାରେ ପିଲାମାନେ ଯାହା ଶିଖିଥାନ୍ତି ତାହାସହ ନୂତନ ତଥ୍ୟକୁ ଯୋଡି ଶିଖନ୍ତି (ନୂତନ ଜ୍ଞାନ ନିର୍ମାଣ କରନ୍ତି) । ଏହା ଶିକ୍ଷଣ ଗଠନରେ ସାହାଯ୍ୟ କରେ ଯାହା ଜଣାରୁ (ନିକଟତମ ପରିବେଶ- ନିଜେ ଓ ପରିବାର) ଅଜଣା (ଗୋଷ୍ଠି, ସମାଜ, ଜାତୀୟ, ବିଶ୍ୱ)କୁ ବୁଝିବା ।

ତେଣୁ ପରିବେଶ ଅଧ୍ୟୟନ ଶିକ୍ଷାଦାନ-ଶିକ୍ଷଣ ଯେ କେବଳ ପ୍ରାଥମିକ ସ୍ତରର ପିଲାମାନଙ୍କ ପାଇଁ ଏକ ଅଧ୍ୟୟନ କ୍ଷେତ୍ର ତାହା ନୁହେଁ ବରଂ ପରିବେଶ ପ୍ରିୟ ମନୋବୃତ୍ତି, ମୂଲ୍ୟବୋଧ ଅଭ୍ୟାସ ଓ ବ୍ୟବହାରଗୁଡିକର ବିକାଶ ପାଇଁ ଏକ ପ୍ରଶିକ୍ଷଣ କ୍ଷେତ୍ର ଅଟେ । ଏକ ଧାରଣକ୍ଷମ ସମାଜ ସୃଷ୍ଟି କରିବାରେ ପରିବେଶ ଅଧ୍ୟୟନ ଏକ ସ୍ଥାୟୀ ବିନିଯୋଗ ବୋଲି ଜଣେ ବର୍ଣ୍ଣନା କରିପାରିବ । ତେଣୁ ପରିବେଶ ଅଧ୍ୟୟନର ପରିସର ଯେ କେବଳ ପିଲାମାନଙ୍କୁ ସେମାନଙ୍କର ପରିବେଶକୁ ଅନ୍ୱେଷଣ ଓ ବୁଝିବାକୁ ସାହାଯ୍ୟ କରିବାରେ ନିହିତ ତାହା ନୁହେଁ ବରଂ ଏହା ମଧ୍ୟ:

- ପୃଥିବୀରେ ସମସ୍ତ ସଜୀବଙ୍କ ପାଇଁ ସମ୍ମାନ ଓ ଯତ୍ନ, ନିଜ ତଥା ଅନ୍ୟମାନଙ୍କ ପାଇଁ ଦୟା ଓ ଯତ୍ନ, ପ୍ରାକୃତିକ ସମ୍ବଳଗୁଡିକର ସଂରକ୍ଷଣ, ସହଭାଗୀ ଶିକ୍ଷଣର ପସନ୍ଦ, ଆପଣାର ଭାବ, ସାମାଜିକ ଦାୟିତ୍ୱ, ସାଂସ୍କୃତିକ ମୂଲ୍ୟବୋଧ ଆଦି ଭଳି ସକାରାତ୍ମକ ମନୋବୃତ୍ତି, ମୂଲ୍ୟବୋଧ ଓ ଅଭ୍ୟାସ ସବୁର ବିକାଶ କରିବା ।
- ପରିବେଶର ଗୁଣାତ୍ମକତାର ବିକାଶ କରିବାରେ ସକାରାତ୍ମକ ଓ ସକ୍ରିୟାତ୍ମକ କାର୍ଯ୍ୟଗୁଡିକୁ ସୃଷ୍ଟି କରିବା ।
- ଏକ ସଂରକ୍ଷଣ ନୀତିର ବିକାଶ ଓ ପରିବେଶ ପ୍ରିୟ ଅଭ୍ୟାସ ଓ ପ୍ରବୃତ୍ତିଗୁଡିକୁ ଗ୍ରହଣ କରିବା

ଉପରୋକ୍ତ ଅନୁଚ୍ଛେଦ ଗୁଡିକ ପ୍ରାଥମିକ ସ୍ତରରେ ପରିବେଶ ଅଧ୍ୟୟନର ପରିସରକୁ ପର୍ଯ୍ୟାପ୍ତ ଭାବରେ ବର୍ଣ୍ଣନା କରିଛି ।

**ନିଜ ଅଗ୍ରଗତିର ଆକଳନ-୪**

(କ) ପରିବେଶ ଅଧ୍ୟୟନ ତିନୋଟି ମୁଖ୍ୟ ନୀତିକୁ ପୂରଣ କରିଥାଏ । ସେଗୁଡିକ:

(୧) ପରିବେଶ ___________ ଶିଖିବା

(୨) ପରିବେଶ ___________ ଶିଖିବା

(୩) ପରିବେଶ ___________ ଶିଖିବା

(ଖ) ପରିବେଶ ଅଧ୍ୟୟନର ପରିସର ସର୍ବୋତ୍ତମ ଭାବେ ବର୍ଣ୍ଣନା କରାଯାଇ ପାରିବ: (ତୁମେ ଯେଉଁ ଉକ୍ତିରେ ରାଜି ଠିକ୍(✓) ଚିହ୍ନ ଦିଅ ।

(୧) ଏହା ବିଭିନ୍ନ ବିଷୟକୁ ସମନ୍ୱିତ କରେ

(୨) ଏହା ଶିଶୁ କୈନ୍ଦ୍ରିକ

(୩) ଏହ ଗଠନମୂଳକ ପନ୍ଥା

(୪) ଏହା ଶିକ୍ଷାଦାନ ଆଧାରିତ

(୫) ଏହା ପରୀକ୍ଷାମୂଳକ

(୬) ଏହା ଶିକ୍ଷଣ ଆଧାରିତ

**ଚିନ୍ତନ**

ଆପଣ ଆପଣଙ୍କ ଶ୍ରେଣୀ ଗୃହରେ କେତେ ମାତ୍ରାରେ ପରିବେଶ ଅଧ୍ୟୟନ ପରିଚାଳନା କରନ୍ତି, ପରିବେଶ ଅଧ୍ୟୟନର ବର୍ଣ୍ଣିତ ଅନ୍ତର୍ନିହିତ ଓ ବାହ୍ୟ ପରିସରର ଚିନ୍ତନ ଓ ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ରେ ଥିବା ନିମ୍ନୋକ୍ତ ଶୈକ୍ଷିକ ବ୍ୟବସ୍ଥାଗୁଡ଼ିକୁ ଏହା କେତେ ପରିମାଣରେ ଅନୁପାଳନ କରୁଛି ତାହା ଚିନ୍ତା କରନ୍ତୁ ।

- ଶିକ୍ଷାଦାନ ଉପରେ ନ ହୋଇ ଶିକ୍ଷଣ ଉପରେ
- ନିର୍ଣ୍ଣାୟକ ଚିନ୍ତନ ଓ ସମସ୍ୟା ସମାଧାନ ପାଇଁ ସାମର୍ଥ୍ୟ ଗଠନ
- ଘଟଣା ନିର୍ଦ୍ଦିଷ୍ଟ ପରିବେଶଗତ ସମସ୍ୟା/ଘଟଣା
- ଶ୍ରେଣୀଗୃହର ବିଷୟଗୁଡ଼ିକରେ ପରିବେଶଗତ ପରିପ୍ରେକ୍ଷଣରେ ପ୍ଳାବିତ କରିବା
- ଶିକ୍ଷାଦାନ-ଶିକ୍ଷଣ ପାଇଁ ବହୁବିଧ ଉତ୍ସ ଓ ବହୁବିଧ ବିଷୟ ଆଧାରିତ ପନ୍ଥା
- ପରିବେଶଗତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ
- ଜ୍ଞାନ ନିର୍ମାଣ
- ଅନୁପ୍ରାଣିତ କରିବା ପରିବର୍ତ୍ତେ ସଶକ୍ତି କରଣ କରିବା

## ୨.୬ ସାଂରାଶ

ଜାତୀୟ ପାଠ୍ୟକ୍ରମ ଆଧାର ୨୦୦୫ ବିଦ୍ୟାଳୟରେ ପରିବେଶଗତ ଶିକ୍ଷାର ଗୁରୁତ୍ୱକୁ ବର୍ଣ୍ଣନା କରିବାକୁ ଯାଇ ସୂଚିତ କରେ "କେବଳ ମଣିଷମାନଙ୍କ ଜୀବନ ଧାରଣ ପାଇଁ ନହୋଇ ପୃଥିବୀର ସମସ୍ତ ଜୀବମାନଙ୍କ ପାଇଁ ସମଗ୍ରୀକ ଭାବେ ପରିବେଶର ଗୁରୁତ୍ୱକୁ ପସନ୍ଦ କରିବା ନିମିତ୍ତ ତରୁଣ ମାନସିକତାକୁ ପ୍ରସ୍ତୁତ କରିବା, ପରିବେଶପ୍ରତି ଏକ ସକରାତ୍ମକ ମନୋବୃତ୍ତିର ଅନ୍ତର୍ନିବେଶ କରିବା ଓ ଏକ ଦୀର୍ଘସ୍ଥାୟୀ ଭବିଷ୍ୟତ ନିମିତ୍ତ ସକ୍ରିୟାତ୍ମକ କାର୍ଯ୍ୟଗୁଡ଼ିକୁ ଉତ୍ସାହିତ କରିବା ଏହା ଲକ୍ଷ୍ୟ ରଖିବା ଉଚିତ।"

ଟିପ୍ପଣୀ

(NCERT - Environmental Education in School Education)

ପ୍ରାରମ୍ଭିକ ଶିକ୍ଷାସ୍ତରରେ ପରିବେଶ ଅଧ୍ୟୟନ ରୂପେ ଗ୍ରହଣ କରାଯାଇଥିବା ପରିବେଶଗତ ଶିକ୍ଷାର ରହିଥିବା ମୁଖ୍ୟ ଉଦ୍ଦେଶ୍ୟଗୁଡିକ ହେଲା:

କ) ପିଲାମାନଙ୍କ ଭିତରେ ପରିବେଶ ସଂପର୍କରେ ଉତ୍ସୁକତା ଓ ସଚେତନତା ବିକାଶ କରିବା ।

ଖ) ପରିବେଶଗତ ଜ୍ଞାନ ଓ ବୋଧଗମ୍ୟତା ଏବଂ ଏଥି ସଂପର୍କିତ ସ୍ଥାନୀୟ ପରମ୍ପରା ଓ ସାଂସ୍କୃତିକ ପ୍ରଥା ସହିତ ମଣିଷ ସହ ଏହାର ଅନ୍ତର୍ନିହିତ ସଂପର୍କ ବିକାଶ କରିବା ।

ଗ) ଗୁଣାତ୍ମକ ପରିବେଶ ବଜାୟ ରଖିବା ଓ ବିକାଶ କରିବା ନିମିତ୍ତ ଅଭ୍ୟାସ ମୂଲ୍ୟବୋଧ, ମନୋବୃତ୍ତି ଓ ଆବେଗଗୁଡିକୁ ଅନ୍ତର୍ନିବେଶ କରିବା ।

ଘ) ପରିବେଶଗତ ସମସ୍ୟାଗୁଡିକୁ ସମାଧାନ କରିବା ଓ ବିଷୟକୁ ସୂଚିତ କରିବା ନିମିତ୍ତ ଦକ୍ଷତା ବିକାଶ କରିବା ।

**ଦକ୍ଷତା ବିକାଶ କରିବା**

ପିଲାମାନଙ୍କୁ ସେମାନଙ୍କ ପରିବେଶ ଅନ୍ୱେଷଣ ଓ ଅଭିଜ୍ଞତା ହାସଲ କରିବାରେ ଓ ପରିବେଶରେ ଭୌତିକ ଓ ମାନବୀୟ କାର୍ଯ୍ୟଧାରା ସଂପର୍କିତ ଜ୍ଞାନ ଓ ବୋଧଗମ୍ୟତାର ବିକାଶ ନିମିତ୍ତ ଏହି ଅଭିଜ୍ଞତାଗୁଡିକୁ ତାତ୍ପର୍ଯ୍ୟପୂର୍ଣ୍ଣ କରିବାରେ ଶିକ୍ଷକମାନଙ୍କର ଏକ ନିର୍ଣ୍ଣୟାତ୍ମକ ଭୂମିକା ରହିଛି । ଶୈକ୍ଷିକ ଓ ବିକାଶତ୍ମକ ମନସ୍ତତ୍ତ୍ୱବିତ୍‌ମାନେ ସ୍ପଷ୍ଟଭାବେ ପ୍ରଦର୍ଶିତ କରିଛନ୍ତି ଯେ ତରୁଣ ପିଲାମାନେ ସେମାନଙ୍କ ପରିବେଶରେ ମୂର୍ତ୍ତଅଭିଜ୍ଞତା, ଉପାଦାନଗୁଡିକୁ ଏପଟ ସେପଟ କରିବା ମାଧ୍ୟମରେ ଓ ନିଜ ପରିବେକ୍ଷଣ ଓ ପାରସ୍ପରିକ କ୍ରିୟା ପ୍ରତିକ୍ରିୟାରୁ ସର୍ବୋତ୍ତମ ଭାବେ ଶିଖନ୍ତି । ପରିବେଶ ଅଧ୍ୟୟନ ପରିଚାଳନା ମାଧ୍ୟମରେ ପରିବେଶ ଓ ସମସ୍ତ ପ୍ରାକୃତିକ ସଂପଦର ଗୁଣାତ୍ମକତା ପାଇଁ ଏକ ଯୁକ୍ତଯୁକ୍ତ ଓ ସମ୍ବେଦନଶୀଳ ବିଚାରର ବୃଦ୍ଧି ନିମିତ୍ତ ଶିକ୍ଷକମାନେ ମଧ୍ୟ ସାହାଯ୍ୟ କରିପାରିବେ ।

ଫଳପ୍ରଦ ପରିବେଶ ଅଧ୍ୟୟନ ପରିଚାଳନା ଅନେକ ଆହ୍ୱାନ ଅନ୍ତର୍ଭୁକ୍ତ କରିଥାଏ - ପ୍ରସଙ୍ଗ ସହ ଶିକ୍ଷାଦାନ ତତ୍ତ୍ୱ ଓ ଏଗୁଡିକୁ ସାମନା କରିବାରେ ଜଣେ ଶିକ୍ଷକଙ୍କୁ ନିଜର ପରିବେଶ ସଂପର୍କିତ ଜ୍ଞାନ ଓ ବୋଧର ପିଲାମାନଙ୍କ ପରିବେଶ ଓ ସେମାନଙ୍କ ବିକାଶାତ୍ମକ ସ୍ତର ତଥା ଶିକ୍ଷାର୍ଥୀମାନଙ୍କୁ ଜ୍ଞାନ ନିର୍ମାଣରେ ସେମାନଙ୍କୁ ମାର୍ଗଦର୍ଶନ କରିବାରେ ବ୍ୟାବହାରିକ ଦକ୍ଷତା ପାଇଁ ଅର୍ନ୍ତଦୃଷ୍ଟିର ବ୍ୟବହାର କରିବାକୁ ହେବ । ଅନ୍ୟ ଅର୍ଥରେ ଜଣେ ପରିବେଶ ଅଧ୍ୟୟନ ଶିକ୍ଷକ ଶ୍ରେଣୀ ଭିତରେ ଓ ବାହାରେ ଉତ୍ତମ ପ୍ରଶ୍ନ ସହିତ ପିଲାମାନଙ୍କୁ ଉତ୍ସାହିତ କରିବାରେ, ସହାୟତା କରିବାରେ, ପାରସ୍ପରିକ କ୍ରିୟାପ୍ରତିକ୍ରିୟା କରିବାରେ ଓ ଉଦ୍ଦୀପନା ସୃଷ୍ଟିକରିବାରେ ଜଣେ ନେତୃତ୍ୱ ବହନକାରୀ ଓ ସହାୟକଠାରୁ ଅଧିକ ।

## ୨.୭ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

**ନିଜ ଅଗ୍ରଗତିର ଆକଳନ - ୧**

କ) ସମିଶ୍ରିତ

ଖ) ୪. ସାମଗ୍ରିକ ବିକାଶ

**ନିଜ ଅଗ୍ରଗତିର ଆକଳନ - ୨**

କ) ୬. ଉପରୋକ୍ତ ସମସ୍ତ

**ନିଜ ଅଗ୍ରଗତିର ଆକଳନ - ୩**

କ) ଭାବଗତ ଓ ଆବେଗିକ

ଖ) ପୃଥିବୀର ସମସ୍ତ ଅଧିବାସୀ ଗୋଟିଏ ପରିବାର ଅନ୍ତର୍ଭୁକ୍ତ

ଗ) ସୌନ୍ଦର୍ଯ୍ୟାତ୍ମକ

ଘ) ନୈତିକ

**ନିଜ ଅଗ୍ରଗତିର ଆକଳନ - ୪**

କ) ବିଷୟରେ, ମାଧ୍ୟମରେ, ପାଇଁ

ଖ) ୨. ଏହା ଶିଶୁକୈନ୍ଦ୍ରିକ

## ୨.୮ ଅତିରିକ୍ତ ଅଧ୍ୟୟନ ପାଇଁ ପ୍ରବନ୍ଧସୂଚୀ


- Ashish Kothari "Some crucial values in Environmental Education – A Note for Environmental Educationists, Kalpavriksh, New Delhi, 1986
- NCERT, 2004, Environmental Education in Schools, NCERT, New Delhi
- NCERT 2005, National Curriculum Framework 2005, NCERT, New Delhi
- NCERT, 2005, Habitat and Learning, NCERT, New Delhi
- NCERT, 2006, Syllabus for Classes at Elementary Level, NCERT, New Delhi
- NCERT (2008), Source Book on Assessment for Classes I-V, Environmental Studies, NCERT, New Delhi.
- Ravindranath.M.J "Attitudes and Values in Environmental Education – A Perspective. National Conference for the Missionary College Staff at the India Peace Centre, Nagpur, (1990).
- J.L.Bhat "Indian Approach to Environment: An Ethical Perspective,
- Proceedings of the Conference "Environmental Education for Sustainable Development", Indian Environmental Society, New Delhi 1994.


## ୨.୯ ପାଠାନ୍ତ ପ୍ରଶ୍ନାବଳୀ

୧) ମୂଲ୍ୟବୋଧ କ'ଣ ? ପରିବେଶ ଅଧ୍ୟୟନ ସହ ଅତିମାତ୍ରରେ ଅନ୍ତର୍ନିହିତ କେତେକ ମୂଲ୍ୟବୋଧର ସଂକ୍ଷିପ୍ତ ବର୍ଣ୍ଣନା କର ।

୨) ପରିବେଶ ଅଧ୍ୟୟନ ଶିକ୍ଷାଦାନ ଶିକ୍ଷଣ ପରିସର କିପରି ଅନ୍ୟାନ୍ୟ ବିଷୟ ସହ ତୁଳନୀୟ ?